କୁଇ ସମାଜ ଦ୍ୱାରା ପ୍ରକାଶିତ ମାସିକ ପତ୍ରିକା

# କୁଇଦିନା

## THE KUIDINA

ଅକ୍ଟୋବର ୨୦୨୪




**ପ୍ରକାଶକ**

କୁଇ ସମାଜ ଯୁବ ପରିଷଦ, କନ୍ଧମାଳ ଏବଂ କୁଇ ସମାଜ ସେବା ସମିତି, ଫୁଲବାଣୀ

ଜହାରୀ ଟା'ଣାପେ'ନୁ, ଜହାରୀ କୁଇଦିନା





**ପ୍ରକାଶକ**
**କୁଇ ସମାଜ ଯୁବ ପରିଷଦ, କନ୍ଧମାଳ**
**ଏବଂ କୁଇ ସମାଜ ସେବା ସମିତି,**
**ଫୁଲବାଣୀ**

ମୂଲ୍ୟ : ୫୦/-

କୁଇ ସମାଜ ଦ୍ୱାରା ପ୍ରକାଶିତ ମାସିକ ପତ୍ରିକା


# କୁଇଦିନା

THE KUIDINA

## ଅକ୍ଟୋବର ୨୦୨୪


**ସଭାପତି**
ଶ୍ରୀ ଦେବାଶିଷ କହଁର

**ମୁଖ୍ୟ ସମ୍ପାଦକ**
ଶ୍ରୀ ଅଚ୍ୟୁତ ଜାନୀ
(କୁଇ ସମାଜ ଯୁବ ପରିଷଦ)

**ଉପଦେଷ୍ଟା**
ଅଧାପକ ତୀର୍ଥ ଜାନୀ
ଶ୍ରୀ ସୁଦର୍ଶନ କହଁର
ଇଂ ଅବନୀ କୁମାର କହଁର
ଡା. ନୀରଦ ଚନ୍ଦ୍ର କହଁର

**ସମ୍ପାଦନା ମଣ୍ଡଳୀ**
ଶ୍ରୀ ପ୍ରଦୀପ କହଁର
ଶ୍ରୀ ମଙ୍ଗରାଜ ପ୍ରଧାନ
ଶ୍ରୀ ବିଷ୍ଣୁ ଚରଣ ମଲିକ
ଶ୍ରୀ ଦୟାସିଂ ମାଝୀ
ଶ୍ରୀ ଅର୍ଜୁନ କହଁର
ଶ୍ରୀ ଗୋଲକ ବିହାରୀ କହଁର

# ପତ୍ରିକା ସମ୍ବନ୍ଧୀୟ ଆବଶ୍ୟକ ନିୟମାବଳୀ

୧. 'କୁଇଦିନା' କୁଇ ସମାଜ ସେବା ସମିତି (Reg.No-14/19954-55) ଦ୍ୱାରା ପ୍ରକାଶ ହେଉଥିବା ଏକ ମାସିକ ପତ୍ରିକା ।

୨. ବର୍ତ୍ତମାନ ଏହାକୁ କୁଇ ସମାଜ ଯୁବ ପରିଷଦ ଦ୍ୱାରା ପ୍ରକାଶ କରାଯିବା ପାଇଁ ସ୍ଥିର କରାଯାଇଛି ।

୩. ଏଠାରେ ପ୍ରକାଶ ପାଉଥିବା କବିତା, ପ୍ରବନ୍ଧ, ଗଳ୍ପ ସବୁ ଲେଖକଙ୍କ ନିଜସ୍ୱ ମତ ଓ ତାହା ପାଇଁ କୁଇ ସମାଜ ସେବା ସମିତି କିମ୍ବା କୁଇ ସମାଜ ଯୁବ ପରିଷଦ ଦାୟୀ ରହିବେ ନାହିଁ ।

୪. ଏହି ପତ୍ରିକା ପାଇଁ ଲେଖା ଦେବାକୁ ସମସ୍ତ କୁଇ ଭାଷା ପ୍ରେମୀଙ୍କୁ ଅନୁରୋଧ । ଲେଖା ପଠାଇବା ପାଇଁ ଠିକଣା-କୁଇ ସମାଜ ସେବା ସମିତି, ଫୁଲବାଣୀ କାର୍ଯ୍ୟାଳୟ, ନିକଟସ୍ଥ ଜଗନ୍ନାଥ ମନ୍ଦିର, ୭୬୨୦୦୧, ଜିଲ୍ଲା-କନ୍ଧମାଳ, Email-kuidinapatrika@gmail.com ମୋବାଇଲ୍ ନଂ- ୮୮୯୫୫୩୧୦୬୪, ୮୨୮୦୨୫୮୭୦୨ । ଲେଖା ଗୁଡ଼ିକ ସ୍ୱରଚିତ ହେବା ଆବଶ୍ୟକ । ତାକୁ ଭଲ ହାତ ଲେଖା କିମ୍ବା କମ୍ପୁଟର୍ ଟାଇପ୍ କରି ଡାକ ମାଧ୍ୟମରେ Email ନଚେତ ଦିଆଯାଇଥିବା ମୋବାଇଲ୍ ନଂ ରେ WhatsApp କରି ପାରିବେ ।

୫. କୁଇ ସମାଜ କୁଇଜ୍ ରେ ପଚାରାଯାଉଥିବା ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ପ୍ରକାଶ କରାଯିବ । ଓ ଯେଉଁମାନେ ତାହାର ଉତ୍ତର ପ୍ରଥମ ପାଂଚ ଜଣଙ୍କ ନାମ ପତ୍ରିକାରେ ପ୍ରକାଶ ପାଇବ ।

୬. ଏହି ପତ୍ରିକାକୁ ଆପଣମାନେ ଉପରେ ଦିଆଯାଇଥିବା କୁଇ ସମାଜ ସେବା ସମିତି ଠିକଣାରୁ ପ୍ରାପ୍ତ କରିପାରିବେ ନଚେତ କୁଇ ସମାଜ ଯୁବ ପରିଷଦ କର୍ମକର୍ତ୍ତାଙ୍କ ଠାରୁ ମଧ୍ୟ ପାଇ ପାରିବେ ।

୭. ଏହି ପତ୍ରିକାର Online PDF copy କୁଇ ସମାଜର website-www.kuisamaj.in ର Kui Bhasa Sahitya Samiti (KBSS) Page ରେ ପାଇ ପାରିବେ ।

୮. ଯିଏ ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଇଚ୍ଛା ପ୍ରକାଶ କରନ୍ତି ଓ ପତ୍ରିକାର ପୃଷ୍ଟପୋଷୋକ ହେବାକୁ ଚାହାଁନ୍ତି, ତଥା ପତ୍ରିକା ବିଷୟରେ ସବିଶେଷ ସୂଚନା ପାଇଁ ଆମ ସହ ଫୋନରେ ଯୋଗାଯୋଗ କରି ପାରିବେ, ଶ୍ରୀ ଦେବାଶିଷ କହଁର (୮୮୯୫୫୩୧୦୬୪),ଶ୍ରୀ ବିଷ୍ଣୁ ଚରଣ ମଲିକ(୮୨୮୦୨୫୮୭୦୨) ଶ୍ରୀ ଦୟାସିଂ ମାଝୀ (୭୮୯୪୩୦୪୪୦୩), ଶ୍ରୀ ଭାବିନ୍ଦ୍ର କହଁର (୮୨୮୦୦୦୧୧୪୩), ଶ୍ରୀ ଗୋଲକ ବିହାରୀ କହଁର (୮୯୧୭୩୧୭୬୩୭) । ଭାଗୀରଥି ଜାନୀ (୯୪୩୮୦୨୬୮୪୮) ।

# ସୂଚୀପତ୍ର


| | | |
|---|---|---|
| ସଂପାଦକୀୟ... | - | ୧ |
| କୁଇ ସମାଜ କୁଇଜ୍ | - | ୨ |
| ଆୟାନ୍ କାନ୍ଦଣି | ଗା'ଡ଼ନୀକ : ପ୍ରଦୀପ କହଁର | ୩ |
| କୁଇକାତା ଆ'ନାସୁ | ଗା'ଡ଼ନୀକ : ସୁଦର୍ଶନ କହଁର | ୫ |
| ଟା'ଣାପେ'ନୁ | ଗା'ଡ଼ନୀକ : ବିଷ୍ଣୁ ଚରଣ ମଲିକ | ୭ |
| ମାଇ ଟା'ଣାପେ'ନୁ | ଗା'ଡ଼ନୀକ : ବିଶ୍ୱରଞ୍ଜନ କହଁର | ୯ |
| ଆ'ମୁ ଗସାମା'ଲା ବାଇପୁ'ଙ୍ଗା | ଗା'ଡନୀକା-ମାନିନୀ ପ୍ରଧାନ | ୧୧ |
| ସାଙ୍ଗ-ଡଲା | ଗା'ଡ଼ନୀକ : ବେଦବର ପ୍ରଧାନ | ୧୩ |
| ମା'ନ୍ଦେ କୁଇଦିନା | ଗା'ଡ଼ନୀକ : ଚନ୍ଦ୍ର ଶେଖର ମଲିକ | ୧୫ |
| ଇଆ ସ'ରୁପେ'ନୁ | ଗା'ଡ଼ନୀକ : ଉତମ କହଁର | ୧୭ |
| ଜହାରୀବା ପ୍ରଦୀପ | ଗା'ଡ଼ନୀକ : ଲମ୍ବୋଦର ପ୍ରଧାନ | ୧୯ |
| କୁସାବର ଉହିନାସୁ | ଗା'ଡ଼ନୀକ : ବୁଦ୍ଧଦେବ କହଁର | ୨୧ |
| ବା'ଦୁ ଜୁ'ଟୁ ଆ'ନାସୁ | ଗା'ଡ଼ନୀକ : କରୁଣାକର ପ୍ରଧାନ | ୨୩ |
| ଟା'ଣାପେ'ନୁନି ଗଏରୀ | ଗା'ଡ଼ନୀକ : ବିଶ୍ୱମ୍ଭର ପ୍ରଧାନ | ୨୫ |
| ପିଃପି ମାନାସୁ | ଗା'ଡ଼ନୀକ : ବାବୁଲା କହଁର | ୨୭ |
| ଆନାରି ଆ'ନେଲା ସୁନା | ଗା'ଡ଼ନୀକ : ଶରତ ଚନ୍ଦ୍ର ମଲିକ | ୨୯ |
| ଏ'ଲୁଗିନା | ଗା'ଡ଼ନୀକ : ଅର୍ଜୁନ କହଁର | ୩୧ |
| କୁଇଦିନା ପ'ପ୍କା | ଗା'ଡ଼ନୀକ : ଏସିଆ କହଁର | ୩୩ |
| ଜୁଟୁଗ ଡା'ଟା | ଗା'ଡ଼ନୀକ : ନରେଶ କହଁର | ୩୫ |
| ଡୁଃପା | କେରଣ୍ଡିକ : ମଙ୍ଗରାଜ ପ୍ରଧାନ | ୩୭ |
| ଚିନ୍ତା ଓ ଚିନ୍ତନ-୧ - | କା'ତନୀକ : ଡା. ନୀରଦ ଚନ୍ଦ୍ର କହଁର | ୩୯ |
| ଚିନ୍ତା ଓ ଚିନ୍ତନ-୨ | କା'ତନୀକ : ଡା. ନୀରଦ ଚନ୍ଦ୍ର କହଁର | ୪୦ |
| ଫଟୋଚିତ୍ର | - | ୪୩-୪୪ |

**କୁଇ ସମାଜ ଯୁବ ପରିଷଦ, କନ୍ଧମାଳ କର୍ମକର୍ତ୍ତା**

| | |
|---|---|
| ସଭାପତି | ଦେବାଶିଷ କହଁର, ମୋବାଇଲ୍ ନଂ-୮୮୯୫୫୩୧୦୬୪ |
| ଉପ-ସଭାପତି | ମଙ୍ଗରାଜ ପ୍ରଧାନ, ମୋବାଇଲ୍ ନଂ-୮୭୬୩୫୭୯୩୩୬ |
| | ଆଲୋକ କହଁର, ମୋବାଇଲ୍ ନଂ- ୯୪୩୯୩୯୯୬୪୭ |
| | ଭୀମସେନ ପ୍ରଧାନ ମୋବାଇଲ୍ ନଂ- ୮୨୬୦୯୨୪୩୦୦ |
| ସମ୍ପାଦକ | ଅଚ୍ୟୁତ ଜାନୀ ମୋବାଇଲ୍ ନଂ- ୯୪୩୮୬୩୦୩୬୭୪ |
| ଯୁଗ୍ମ-ସମ୍ପାଦକ | ନିତ୍ୟାନନ୍ଦ ପ୍ରଧାନ ମୋବାଇଲ୍ ନଂ – ୯୮୬୧୭୩୮୯୭୫ |
| | ଗୌତମ ମଲିକ ମୋବାଇଲ୍ ନଂ-୯୪୩୮୮୧୦୩୨୬ |
| | ବିଶ୍ୱମ୍ଭର ପ୍ରଧାନ ମୋବାଇଲ ନଂ-୭୭୩୫୬୧୪୭୯୭ |
| କୋଷାଧ୍ୟକ୍ଷ | ଗଗନ କହଁର ମୋବାଇଲ୍ ନଂ – ୭୬୫୫୦୬୦୫୭୭ |
| ସହ-କୋଷାଧ୍ୟକ୍ଷ | ଭାବିନ୍ଦ୍ର କହଁର ମୋବାଇଲ୍ ନଂ – ୮୨୮୦୦୦୧୧୪୩ |

**କୁଇ ସମାଜ ସେବା ସମିତି, ଫୁଲବାଣୀ କର୍ମକର୍ତ୍ତା**

| | |
|---|---|
| ସଭାପତି | ସୁଦର୍ଶନ କହଁର ମୋବାଇଲ୍ ନଂ- ୯୪୩୭୬୪୫୨୨୧ |
| ସମ୍ପାଦକ | ଇଂ. ଅବନୀ କୁମାର କହଁର ମୋବାଇଲ ନଂ- ୯୪୩୭୫୫୮୭୭୯ |
| କୋଷାଧ୍ୟକ୍ଷ | ଭାବିନ୍ଦ୍ର କହଁର ମୋବାଇଲ୍ ନଂ- ୮୨୮୦୦୧୮୧୯୧ |
| ମୁଖ୍ୟ ସଭ୍ୟ | ଗୌତମ ପ୍ରଧାନ ମୋବାଇଲ୍ ନଂ- ୮୭୬୩୯୨୧୫୫୩ |
| ନାରୀ ନେତ୍ରୀ | ସୌଦାମିନୀ କହଁର ମୋବାଇଲ୍ ନଂ – ୮୯୧୭୫୫୨୬୩୬ |
| ନାରୀ ଉପ-ନେତ୍ରୀ | ସାଇବାଣୀ କହଁର ମୋବାଇଲ୍ ନଂ- ୯୪୩୮୭୧୬୮୧୩ |
| ନାରୀ ସମ୍ପାଦିକା | ଗୀତାଞ୍ଜଳି କହଁର ମୋବାଇଲ୍ ନଂ-୮୮୯୫୩୩୩୨୩ |

**କୁଇକୁଳ ସମିତି, ବାଲିଗୁଡ଼ା କେନ୍ଦ୍ର**

ସଭାପତି-ଶ୍ରୀ ମନୋଜ କୁମାର ମଲିକ ମୋବାଇଲ୍ ନଂ-୯୪୩୭୫୫୭୪୨୭

**ନିଖିଳ ଉତ୍କଳ କୁଇ ସମାଜ ୟୁନିୟନ, ଘୁ.ଉଦୟଗିରି କେନ୍ଦ୍ର**

ସଭାପତି-ଶ୍ରୀ ପୁଷାରା କହଁର, ମୋବାଇଲ୍ ନଂ-୮୮୯୫୬୧୦୮୬୬

## ସଂପାଦକୀୟ...

ଦାର୍ନିପେ'ନୁ ନି'ଙ୍ଗେ ଆ'ନୁ ଜେ'ଡା ଜହାରୀ
ଇର୍ପି କାଲୁ ତପୁ ଇସାନାଇ
ମାଇଁ କୁଇଦିନା ପତ୍ରିକାତିନି
ଜୁଟୁ ଆଜାନାଇ ସଂପାଦନା ଗିପିନାମୁ ମାହାପୁରୁ
ମେହେପି ଦୁତାମୁ ନେଗାଡ଼େ ଇଟାରାମୁ
ଡା'ଟା ପ'ଣ ମେ'ଲା ସିଆମୁ ।

ଆମ କନ୍ଧ ସଂସ୍କୃତି ଓ ପରମ୍ପରା ଅତି ନିଆରା । ମନେ ହୁଏ ସେହି ସଂସ୍କୃତି ଘର ଭିତରେ ରହି ସର୍ବଦା ସେହି ଘରର ଯତ୍ନ ନିଏ । ଏହି ମନୋଭାବ ନେଇ ରହୁଥିବା ଆବାଳବୃଦ୍ଧବନିତା ପାଇଁ ଧରଣୀପେ'ନୁଙ୍କ ପାଖରେ କୋଟି କୋଟି ପ୍ରାର୍ଥନା କରି ପୁଣିଥରେ ତାଙ୍କର ହୃଦୟରେ ଭକ୍ତି ଭାବନା ଦ୍ୱିଗୁଣା ସଂଚରିତ ହେଉ । ଆମ ସଂସ୍କୃତି ଓ ପରମ୍ପରାକୁ ସୁରକ୍ଷା ପାଇଁ ଲିଖିତ ସାହିତ୍ୟର ପ୍ରଚାର ଓ ପ୍ରସାର ଅତ୍ୟନ୍ତ ଆବଶ୍ୟକ ମଣୁଛି । ଧରଣୀପେ'ନୁର କୃପା ବଳରେ ଆମ କୁଇଦିନା ପତ୍ରିକା ସୁଦୂର ପ୍ରସାର ହେବ ଏହା ମୋର ଆଶା ଓ ବିଶ୍ୱାସ । ଧରଣୀପେ'ନୁଙ୍କର ମହିମା ଅପାର । କନ୍ଧ ମାଟିକୁ ସୁରକ୍ଷା ଦେବା ସହ ପ୍ରତ୍ୟେକ କନ୍ଧଙ୍କ ସୁଖ ଦୁଃଖର ସାହା ହୋଇଛନ୍ତି । ଧରଣୀପେ'ନୁ ଆପଣଙ୍କୁ ସାହାସ ଦିଅନ୍ତୁ ନିଜ ବିଚାର ଓ ବିବେକ ପ୍ରୟୋଗ କଲାବେଳେ ପ୍ରଲୋଭନ ଓ ପ୍ରୋତ୍ସାହନକୁ ଅଣଦେଖା କରନ୍ତୁ ।

ଆମ କୁଇ ସାହିତ୍ୟରେ ଲେଖା ଅତ୍ୟନ୍ତ ଆବଶ୍ୟକତା ରହିଛି । ଯେତେ ଲେଖା ଓ ପୁସ୍ତକ ଲୋକଲୋଚନକୁ ଆସିବ ବା ପ୍ରକାଶନ ହେବ ସେତେ ଭଲ ଏବଂ ଶୁଭସମାଚାର ଆମ କୁଇ ସାହିତ୍ୟ ପାଇଁ ହେବ ଏହି ଭାବଧାରାକୁ ପ୍ରସାରିତ କରିବା ପାଇଁ ନୂତନ ଲେଖକଙ୍କ ଆବଶ୍ୟକ ରହିଛି । ଆମ କୁଇ ଭାଷାକୁ ସମୃଦ୍ଧ କରିବା ପାଇଁ 'କୁଇଦିନା' ପତ୍ରିକା ସର୍ବଦା ସମସ୍ତଙ୍କୁ ସମ୍ମାନ ଦେବା ସହ ସେମାନଙ୍କର ହୃଦୟରେ ନିଃସୃତ ଲେଖା ହିଁ ପ୍ରକାଶନ ପାଇଁ ଆଗ୍ରାଧିକାର ଦେଉଛୁ, ତରୁଣ ଲେଖକମାନଙ୍କୁ ସ୍ୱାଗତ କରି ପ୍ରବୀଣମାନଙ୍କୁ ସମ୍ମାନ ଜଣାଇ ନୂଆ ଲେଖା ଅପେକ୍ଷାରେ ରହିଛୁ । କୁଇ ଭାଷା ସାହିତ୍ୟ ପ୍ରେମୀ ହିସାବରେ ଏକ ଲକ୍ଷ୍ୟ ବା ଅଭିଳାଷ କ'ଣ ହୋଇପାରେ ? ସେହି କୁଇଦିନା, କନ୍ଧମାଳର ସମୃଦ୍ଧି କୃଷି, ଶିଳ୍ପ, ଶିକ୍ଷା, ବାଣିଜ୍ୟକୁ ସାହିତ୍ୟରେ ରୂପାନ୍ତରିତ ଏବଂ କନ୍ଧ ସଂସ୍କୃତିର ସୁରକ୍ଷା ତଥା ପ୍ରଚାର ପ୍ରସାର ସହଯୋଗ ହୋଇପାରେ । ସମସ୍ତ କୁଇଦିନା ପତ୍ରିକା ଲେଖକବୃନ୍ଦ ସଂପାଦନା ଓ ସଜ୍ଜୀକରଣରେ ବନ୍ଧୁଗଣ, ସଂଗ୍ରାହକ ଓ ଅନୁବାଦକ ସହଯୋଗୀ ବନ୍ଧୁଗଣଙ୍କୁ ମୁଁ ମୋ ହୃଦୟରୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରୁଛି ।

*-ବିଷ୍ଣୁ ଚରଣ ମଲିକ, କନ୍ଧ ସଂସ୍କୃତି ଓ ସାହିତ୍ୟର ଗବେଷକ, କିସ୍ ମାନିତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର*

# କୁଇ ସମାଜ କୁଇଜ୍

୧- କନ୍ଧମାଳ କେବେ ଗଠନ ହୋଇଥିଲା ?
୨- କୁଇ ଭାଷାର ଲିପି ପ୍ରଥମେ କିଏ ଉଦ୍ଭାବନ କରିଥିଲେ ?
୩- କନ୍ଧମାନଙ୍କୁ ମୁଖ୍ୟତଃ କେତେ ଭାଗରେ ବିଭକ୍ତ କରାଯାଇଛି ?
୪- ଛଅ ଜଣ ପ୍ରସିଦ୍ଧ କୁଇ କବିମାନଙ୍କର ନାମ କୁହନ୍ତୁ ?
୫- ବାଘନଦୀର କେତୋଟି ଉପନଦୀ ରହିଛି ? ସେହିଗୁଡ଼ିକ ନାମ ଲେଖ ?
୬- କନ୍ଧମାଳ ଜିଲ୍ଲାର ପଦ୍ମଶ୍ରୀ ଉପାଧି ପାଇଥିବା ବ୍ୟକ୍ତିଙ୍କ ନାମ କ'ଣ ?
୭- କନ୍ଧମାଳ ଜିଲ୍ଲାରେ ମୁଖ୍ୟ କୁଇ ସମାଜ କେତୋଟି ଅଛି ?
୮- କନ୍ଧମାଳ ଜିଲ୍ଲାର ୨୦୨୨-୨୩ ଓ.ଏ.ଏସ୍. ପରୀକ୍ଷାରେ କେତେଜଣ ସଫଳ ହୋଇଛନ୍ତି ?
୯- କନ୍ଧମାନଙ୍କ ମୁଖ୍ୟ ପୂଜକ କିଏ ?
୧୦- କନ୍ଧମାନଙ୍କ ମୁଖ୍ୟ ପର୍ବର ନାମ କ'ଣ ?

## ସେପ୍ଟେମ୍ବର ମାସ କୁଇଜ୍‌ର ଉତ୍ତର

୧- ମାର୍ଗଶିର ମାସ ଗୁରୁବାର ଦିନ
୨- ବୃତ୍ତଙ୍ଗ ଗ୍ରାମ
୩- ଏ.ଜେ.ଓଲେନବ୍ୟାଚ୍
୪- ୧୯୬୦
୫- କାଟିଙ୍ଗିଆ
୬- ପଚାଶ ମୁଠାର କନ୍ଧମାନେ
୭- ୧୮୧୭
୮- ରତାବାରୀ ମୁଠା
୯- କୁର୍ମିଙ୍ଗିଆ
୧୦- ଫିରିଙ୍ଗିଆ ବ୍ଲକର ବନ୍ଧଗଡ଼, ଉଚ୍ଚ ମାଳଭୂମିରୁ

# ଆୟାନ୍ କନ୍ଦଣି

## ଗା'ଡ଼ନୀକ : ପ୍ରଦୀପ କହଁର

ଆ'ଜୁ ଡ଼େ କୁଇଙ୍ଗା 'ଆୟାନ୍ କନ୍ଦଣି' କୁଇ
ଆଙ୍ଗା ଭାଷା ଇନାତିଙ୍ଗି ବେସ୍ନାସୁ ?
ବ୍ରି'ସ୍ନାସୁ ଆ'ଜୁ ଡ଼େ ପ'ଡ଼ି ଆନାସୁ ଡ଼େ
ଉପାଲି ନ'କିକି ଆ'ଜୁ ଗିନାସୁ ।
କାଲେଂକାଲାଡ଼ାଇ ଏଜ୍‌ଗାମାନେ କୁଇ
ଏସେ ସା'ଞ୍ଜାନାରୀ ମା'ନ୍ଦେ କନ୍ଦଣି,
କାଲେଙ୍କାଲା ସେ'ଲୁ ଏଜ୍‌ଗା ଦୁପାକାରୀ
'ଆୟାନ୍‌କନ୍ଦଣି' ସିରୁ ବାରେଣୀ ।
ଏସେକାବେ ଆ'ଜୁ, ଗିବା କୁ'ନାସୁ
କନ୍ଦଣି ସେ'ଲୁ ଆ'ଜୁ ଜୀଉ ସି'ନାସୁ
ଟା'ଣାତାରି ଭାଷା କନ୍ଦଣି ରା'ଜାଲି
ଦିନାତାନି ପାଦା ତ୍ରା'ନ୍ଦେ ଇଟ୍ନାସୁ ।
ଲୁମ୍ବାଇନେ କୁଇ ବ୍ରା'ଡା ଗିନାସୁ ଡ଼େ
ଇୟାତାରି ଜେ'ଡା ବିଲୁ ଲୁଙ୍ଗୁରି,
ଏସ୍ତି ଇୟାତାରି ପା'ଡୁ ଗହାନାସୁ
ତ୍ରା'ନ୍ଦେ ପାଦା ଦିନାତା ପ'ଙ୍ଗାକାରୀ ।
କୁଇଭାଷା ମା'ନ୍ଦେ ଏଜ୍‌ଗିତେକା ଡ଼େ
ମା'ପ୍‌କା ମା'ନ୍ଧାର ଡ଼େ ସିବା ମୁ'ନାସୁ,
ପେ'ନୁତାରି ପଦ ଇଟାମୁ'ଆତେକା
ରନେସି ଆ'ଜୁଡ଼େ ମୁହିଃ ଆ'ନାସୁ ।

***

# ମାତୃଭାଷା (ଓଡ଼ିଆ ଭାବାର୍ଥ)

ଆମେ କନ୍ଧ ଆମ ମାତୃଭାଷା କୁଇ
କାହିଁକି ଅନ୍ୟ ଭାଷାକୁ କହିବା ?
ଲେଖିବା ହେ ଆମେ ପଢ଼ିବା ହେ ଆମେ
ଆଗକୁ ଉନ୍ନତି ଆମେ କରିବା ।
କେଉଁ ଆଦିକାଳୁ ବଂଚିଅଛି କୁଇ
ଆମ କୁଇ ଭାଷା କେତେ ସୁନ୍ଦର,
କାଳ କାଳ ପାଇଁ ବଂଚି ରହିଥାଉ
ମାତୃଭାଷା ଜ୍ଞାନ ନୀର ସାଗର ।
କସ୍ମିନ୍ କାଳେ ନାଶ କରିବା ନାହିଁ
ଭାଷା ପାଇଁ ଆମେ ଜୀବନ ଦେବା,
ମାଟିର ଏ' ଭାଷା-ଭାଷା ମଧ୍ୟେ ରାଣୀ
ଜଗତେ ତାଙ୍କର ଯଶ ରଖିବା ।
ଲୁପ୍ତ ହୋଇଲାଣି ସୁରକ୍ଷା କରିବା
ମାଆର ସ୍ନେହ, ମମତା ଢେଉ,
ଯେଉଁ ମାଆଟିର କ୍ଷୀର ଖାଇଅଛୁ
ତା'ର ନାମ ବିଶ୍ୱେ ବିଖ୍ୟାତ ହେଉ ।
କୁଇଭାଷା ଆମ ବଂଚି ରହିଲେ ହେ
ପରିଚୟ ଆମ ଦେଇପାରିବା,
ଈଶ୍ୱର ଦତ୍ତବାଣୀ ରଖି ନ ପାରିଲେ
ନିଷ୍ଚେ ଦିନେ ଆମେ ଧ୍ୱଂସ ହୋଇବା ।

***

*ରାମାଡ଼ି, ଦଡ଼କୀ, କନ୍ଧମାଳ*

# କୁଇକାତା ଆ'ନାସୁ

**ଗା'ଡ଼ନୀକ : ସୁଦର୍ଶନ କହଁର**

ବା'ଦୁ ବା'ଦୁ ଦା'ଦା କ'କୁ ରଣ୍ଡେଆ'ନାସୁ
କୁଇ କାତାତିନି ଆ'ଜୁ ବୁଡୁଜା କୁ'କାସୁ ॥
କୁଇଦିନା ତାନି ଆ'ଜୁ ଏସେ ମାନାସୁ
ଗୁଲେ୪ଲ'କୁ କୁଇଡ଼ାଇ କାତାଆ'ନାସୁ ॥
ମି'ଡ଼ା ବ'ଦା ଆର୍ଙ୍ଗିବୁଡି ଏସେ ମାନାସୁ
ଗୁଲେ୪ଲ'କୁ କୁଇଡ଼ାଇ କାତାଆନାସୁ ॥
ଇଜ ମାଇଁ କୁଟୁମୀଡ଼େ ଏସେ ମାନାସୁ
କୁଇକାତାଡ଼ାଇ ପ୍ଲା'ପା ଆସ୍‌ପା ଗିନାସୁ ॥
ଜିଲ୍ଲାମା'ନ୍ଦେ କନ୍ଧମାଳ ପାଦା ପାଣାସାନାସୁ
ତାଂଜିପାଦାଡ଼ାଇ ଜିଲ୍ଲା ଗିବା ମୁ'ସାନାସୁ ।
ଇ'ସଭାତାନି ଆ'ଜୁ ଏସେ କକ୍ସା ମାନାସୁ
ଗୁଲେ୪ଲ'କୁ ଆ'ଜୁ କୁଇକାତା ଗ୍ରା'ମ୍ବିନାସୁ ॥

***

# କୁଇ କଥା ହେବା (ଓଡ଼ିଆ ଭାବାର୍ଥ)

*-କବି ସୁଦର୍ଶନ କହଁର*

ଆସ ଆସ ବାପା ଭାଇ ଏକ ହେବା ।
କୁଇ କଥାକୁ ଆମେ କେବେ ଭୁଲିବା ନାହିଁ ॥
କନ୍ଧମାଳ ଜିଲ୍ଲାରେ ଆମେ ଯେତେ ଅଛୁ,
ଆମେ ସମସ୍ତେ କୁଇ ଭାଷାରେ କଥା ହେବା ॥
ଆବାଳବୃଦ୍ଧାବନିତା ଯେତେ ଅଛୁ ଆମେ
ଆମେ ସମସ୍ତେ କୁଇ ଭାଷାରେ କଥା ହେବା ॥
ଆମ ଘରେ ଯେତେ କୁଟୁମ୍ବ ଅଛନ୍ତି ।
କୁଇ ଭାଷାରେ କଥା ବାର୍ତ୍ତା ହୋଇବା ॥
ଜିଲ୍ଲା ଆମର କନ୍ଧମାଳ ନାମ ପାଇଅଛୁ ॥
ଆମ କନ୍ଧ ଜାତିର ନାମ କରଣ ହୋଇଛି ॥
ଏହି ସଭାରେ ଆମେ ଯେତେ ବସିଅଛୁ ।
କୁଇ ଭାଷାରେ ସମସ୍ତେ ଆମେ କଥା ହୋଇ ଆମେ ଅନ୍ୟକୁ ଶିଖାଇବା ॥

*-କୁଇ ସମାଜ ସେବା ସମିତି, ଫୁଲବାଣୀ (ସଭାପତି)*
*ଗୋଛାପଡ଼ା, କନ୍ଧମାଳ, ଗ୍ରାମ.ପ. ସରପଂଚ-ଲୁଇସିଂ*

***

# ଟା'ଣାପେ'ନୁ

### ଗା'ଡ଼ନୀକ : ବିଷ୍ଣୁ ଚରଣ ମଲିକ

ଟା'ଣାପେ'ନୁ.....ଟା'ଣାପେ'ନୁ....
ନି'ଙ୍ଗେ ଆ'ନୁ ଜେ'ଡା ଜହାରୀ... ॥୨॥
ନି'ସେ'ଲୁ ଆ'ନୁ... ନିମ୍ବା ମାଇଁ...
କାମା ଗିଆନା ଦିନାଦେଶା ତା...
ରେହା ଜେ'ଡାଡ଼ାଇ ଲଃପି ମାଇଁ...
ଟା'ଣାପେ'ନୁ... ଟାଣା'ପେ'ନୁ...
ନି'ଙ୍ଗେ ଆ'ନୁ ଜେ'ଡା ଜହାରୀ... ॥୨॥
ଆ'ମୁ ଲା'କାନାନାମୁ ସ'କାଇନାମୁ
ମାଇଁ ନେଗି ସେ'ଲୁ...
ଆ'ମୁ କୁଇ ଲ'କୁ ନି'ସେ'ଲୁ...
ପାଙ୍ଗା ଲା'କାଇନାମୁ ମି'ସାଆ'ନା
ରଣ୍ଡା ମନ ରଣ୍ଡା ଜେ'ଡା...
ରଣ୍ଡା ଗା'ଣି, ଏ'ସିନା...
ଟା'ଣାପେ'ନୁ... ଟା'ଣାପେ'ନୁ...
ନି'ଙ୍ଗେ ଆ'ନୁ ଜେ'ଡା ଜହାରୀ... ॥୨॥
ନି'ନ୍ଦେ, କୁଇଭାଷା... ଆ'ମୁ କୁଇ ଲ'କୁ
ଲା'କାଇନାମୁ, ସ'କାଇନାମୁ
ନି'କୁଇ ଭାଷା ବେସ୍ଵିମାଞ୍ଜାଇଁ...

ଟ'ଣାପେ'ନୁ... ଟା'ଣାପେ'ନୁ...
ନି'ଙ୍ଗେ ଆ'ନୁ ଜେ'ଡା ଜହାରୀ... ॥୨॥
ଆ'ବା ଇଆରି ଦା'ଦା କ'କୁରି ଜହାରୀ  ଗିପିଞ୍ଜାଇଁ
କୁଇଦିନା ତା... ରେହା ଜେ'ଡାଡ଼ା'ଇ ଲଃନାସୁ
କୁଇ ଭାଷାତାରା ପାଦା ଇଟିନାସୁ....
ଟା'ଣାପେ'ନୁ... ଟା'ଣାପେ'ନୁ...
ନି'ଙ୍ଗେ ଆ'ନୁ ଜେ'ଡା ଜହାରୀ... ॥୨॥

***

# ମାଟି ଦେବତା (ଓଡ଼ିଆ ଭାବାର୍ଥ)

ମାଟି ଦେବତା... ମାଟି ଦେବତା
ତୁମକୁ କର ଯୋଡ଼ି ନମସ୍କାର,
ତୁମ ପାଇଁ ମୁଁ... ବଂଚିଛି
ଖରା ବର୍ଷାରେ କାମ କରି ଏ ଦୁନିଆରେ
ସୁଖ ଦୁଃଖରେ ରହୁଛି
ମାଟି ଦେବତା... ମାଟି ଦେବତା
ତୁମକୁ କର ଯୋଡ଼ି ନମସ୍କାର,
ଆମେ ପୂଜା କରୁଛୁ ନିତି
ଆମ ଭଲ ପାଇଁ
ଆମେ କୁଇଲୋକ ତୁମ ପାଇଁ
ପାହାଡ଼ ପର୍ବତ ଦୁନିଆ ଲୋକ
ଆସ ଏକ ହୋଇ ରହିବା
ଗୋଟିଏ ସ୍ୱରରେ
ଗୋଟିଏ ତାଳରେ ଗୀତ ଗାଇବା
ମାଟି ଦେବତାଙ୍କର
ତୁମକୁ କର ଯୋଡ଼ି ନମସ୍କାର,
ତୁମରି କୁଇ ଭାଷା ଆମେ କୁଇ ଲୋକ
ଆମେ ପୂଜା କରୁଛୁ ନିତି ।

ତୁମର କୁଇ ଭାଷାରୁ
ମାଟି ଦେବତା... ମାଟି ଦେବତା
ତୁମକୁ କର ଯୋଡ଼ି ନମସ୍କାର,
ବାପା ମାଆ, ମଉସା ମାଉସୀଙ୍କୁ ମୋର ପ୍ରଣତି
କୁଇ ଦୁନିଆରେ ଆମେ ଭଲରେ ରହିବା
କୁଇ ଭାଷାର ଟେକ ରଖିବା
ମାଟି ଦେବତା... ମାଟି ଦେବତା...
ତୁମକୁ କର ଯୋଡ଼ି ନମସ୍କାର ।

*-ସୁନାକାନ୍ତ, ଫିରିଙ୍ଗିଆ, କନ୍ଧମାଳ*
*ମୋ-୮୧୪୪୧୮୪୦୨୧*

***

# ମାଇ ଟା'ଣାପେ'ନୁ

## ଗା'ଡ଼ନୀକ : ବିଶ୍ୱରଞ୍ଜନ କହଁର

ମାଇ ଟା'ଣାପେ'ନୁ ।
ମାନ୍ଦାରା ଗୁହାଗଁ ବେନେମୁ ॥
ଅଃମାଇଁ ସା'ରୁପେ'ନୁ ମାଦାରା ଜୁହାଇଁ ଅମୁ ।
ପାଠ ଚାଟ ପଢ଼ି ଆବାଏ ଅନୁ ॥
ନି'ଙ୍ଗେ ଲା'କାସକା ପୁଞ୍ଜିସିନ୍ଦେନୁ ।
ବାନେଞ୍ଜୁ ଇଞ୍ଜା ନି'ଙ୍ଗେ ପେ'ନୁ ॥
ଦ୍ୱିପ ଏର୍‌ସାନାଇ ଜପିଞ୍ଜାଇ ଆ'ନୁ ।
ଦାହିଦାହି ଆ'ନୁ ଆରାରାଇ ମାଞ୍ଜାଇ ପେ'ନୁ ॥
ଇମ୍ଭେ ମାର୍ଗା ମାଞ୍ଜି ମେଃପି ସିଡ଼େନୁ ଆ'ନୁ ।
ଏବା ଡ଼େକା ତଞ୍ଜାରାମୁ ନା'ଙ୍ଗେ ॥
ପୁଜୁମାରା ସିଆଇମା ନି'ଙ୍ଗେ ।
ନା'ନ୍ଦା ଦୁଃଖ ଅଦିମା ଇନୁ ॥
ନେ'ଗି ସୁକୁଡାଇ ଲିଃହିମା ଆ'ନୁ ।
ନିଃ ପାଦ ତାନି ଲତାନେ ମନ ॥
ଆ'ନୁଗ ଅଧମ...
ବେ'ଡ଼େକା ତଞ୍ଜାରାମ ଇଆ... ।

*-ଫିରିଙ୍ଗିଆ, କନ୍ଧମାଳ*

***

# ମୋର ମାଟିଦେବତା (ଓଡ଼ିଆ ଭାବାର୍ଥ)

ମୋର ଧରଣିପେ'ନୁ
ଆମର ପ୍ରଣାମ ପ୍ରାର୍ଥନା ଶୁଣ ।
ପାଠ ଚାଟ ପଢି ନାହିଁ ମୁହିଁ
ତମକୁ ପୂଜା କରି ଜାଣୁନି ।
ତମେ ଆସିବ ବୋଲି ଭଗବାନ
ଦୀପ ଜାଳିଣ ଅପେକ୍ଷା କରିଛି ।
ତମକୁ ଖୋଜି ଖୋଜି
ନେହୁରା ହୋଇ ଡ଼ାକୁଛି ମାଆ
କୋଉଠି ଲୁଚିଛ ଖୋଜି ପାଉନି ।
ଥରେ ଦେଖା ଦିଅ ମାଆ
ଫୁଲମାଳ ଦେବି ତମକୁ ।
ମୋର ଦୁଃଖ ଦୂର କର
ସୁଖରେ ରହିବାକୁ ଦିଅ ।
ତମ ପାଦ ତଳେ
ତମ ହୃଦୟରେ ରହୁଛି ମୋ ମନ ।
ମୁଁ ତ ଅଧମ
ଥରେ ଦେଖା ଦିଅ ମାଆ ।

***

*-ଫିରିଙ୍ଗିଆ, କନ୍ଧମାଳ*

# ଆ'ମୁ ଗସାମା'ଲା ବାଇପୁ'ଙ୍ଗା

**ଗା'ଡନୀକା-ମାନିନୀ ପ୍ରଧାନ**

ଅ'... ଆ'ମୁ ଗସାମା'ଲା ବାଇପୁ'ଙ୍ଗା ।
ପୁ'ସାମାନାମୁ ଗବୁ ଗବୁ ଇଞ୍ଜିନା'ମୁ ॥
ଅ'... ଆ'ମୁ ପାଙ୍ଗାବେ'ଟା ବାଇପୁ'ଙ୍ଗା ।
ପୁ'ସାମାନାମୁ ଓ୍ୱି'ଲୁ ଦାଲି ତେ କାହାନାମୁ ॥
ବାଇ ଦେଶା ଆ'ବା, ମାଇ ଟା'ଣା ଆଜା ।
ପିଲ୍ ସା ମାଞ୍ଜାଦି ମା'ଙ୍ଗେ ସା'ଞ୍ଜା...ଆ ॥
ବାଇ ମା'ଲାପୁ'ଙ୍ଗା ପୁ'ଙ୍ଗା ପୁ'ସାନାମୁ ।
ଆ'ଜାନାମୁ ଏସେ୍ସ ସା'ଞ୍ଜା ॥
ଈରି ମା'ଦେ କୁଇଦିନା ସା'ଞ୍ଜାମାନାରୀ ଦିନା (ରିଃବେଡ଼ି) ।
ଏସେ୍ସ ଆଡ଼େ ରେହାଃ ରେହାନା ॥
ଅ'... ଆ'ମୁ... (ବେ୍ଡ'ପା) ରିଃ ବେଡ଼ି) ।
ଗା'ଡ଼ି(ଣି) କାହାଇନୁ ରେହାଃ ରେହାନା ॥
ଅ'... ଆ'ମୁ... ଗସାମା'ଲା ବାଇପୁଙ୍ଗା (ବେ୍ଡ଼'ପା)

***

# ଆମେ ବଣପାହାଡ଼ର ଫୁଲ (ଓଡ଼ିଆ ଭାବାର୍ଥ)

ଆମେ ବଣ ପାହାଡ଼ର ଲୋକ ।
ସେହି ବଣ ପାହାଡ଼ରେ ବିଭିନ୍ନ ପ୍ରକାର ଫୁଲ ଫଳ ପରିପୂର୍ଣ୍ଣ ।
ସେହି ଫଳମୂଳ ଖାଇ ମନଖୁସିରେ ଜାଇଫୁଲକୁ ଦୋଳିରେ ଲଗାଇ ଖେଳୁଛୁ ।
ଆମ ଦେଶ, ଆମ ମାଟିର ବାପା ମାଆ ।
ପାହାଡ଼ ଦେବତା, ମାଟିମାଆ
ଜନ୍ମ ଦେଇଛ କେତେ ଯତ୍ନ ସହକାରେ ।
ବଣ ମାଳର ଫୁଲଟିଏ ହୋଇ ଫୁଟିଅଛି ।
ଦିଶୁଛି ଅତି ସୁନ୍ଦର ମନଲୋଭା ।
ମୁଁ ତ କଥା ନ ଜାଣିବା ଝିଅ ।
କବିତା ପଦେ ଲେଖି ଦେଇଛି ।
ଭୁଲ୍ ଥିଲେ କ୍ଷମା କରିବୁ ମାଆ ।

*ଜିତାକାଣ୍ଡ, ସାରାଙ୍ଗାଡ଼ା, କୁଇଦିନା*

***

# ସାଙ୍ଗ-ଡଲା

## ଗା'ଡ଼ନୀକ : ବେଦବର ପ୍ରଧାନ

ପେ'ନୁ କାବାଡ଼ି ଗିତେକା କୁଇଙ୍ଗା ବେ'ତେରୁ ସାଙ୍ଗଡଲା ।
ମୁସିତେରୁ ସାଙ୍ଗଡଲା ବାଜାନା ବେଙ୍ଗେସି ପାଲା ॥
ସ'ରୁବାଡ଼ି ଲା'କିତାକେ ବେ'ତେରୁ ସାଙ୍ଗଡଲାଙ୍ଗା ।
ସାଙ୍ଗଡଲା ବେ'ସାନା ରେହାରେହାନା ଏ'ନ୍ଦିତ ॥
ଲା'ଆଲା'ବେଙ୍ଗା ।
କାରାଜାଲାତାନି ରୁତାନା ସ'ରୁବାଡି ଉହିତେରୁ କାଙ୍ଗା ॥
ଟଟକଡ଼ି ସାଙ୍ଗଡଲା ବେ'ସାନା ପେହିତେରୁ ମାକାଡ଼ାଙ୍ଗା ।
ସାଙ୍ଗଡଲା ବେ'ସାନା କେ'ଡୁକେରା କାଡିତେରୁ ॥
କୁଇଙ୍ଗା ଏ'ନ୍ଦାକ୍ରାହା ଗିଆନା କେଡୁକବା, ମୁସ୍‌ତେରୁ ।
ସାଙ୍ଗଡଲା ବେ'ସାନା କେ'ଡୁତାନି ଦେଙ୍ଗେଦେଙ୍ଗେନା ଏ'ନ୍ଦିତେରୁ ॥
ବାର୍ଡ଼ିତାଙ୍ଗି ସାଙ୍ଗଡଲା ବେ'ସାନା ମୁସ୍‌ପା କ'ରୁ ଅ'ତେରୁ ।
ଦେରିଆଜାଆ'ବା ଗିତ ସେଣ୍ଡିନ୍ ସେ'ଡ଼ି ॥
ଦେରିଡ଼ାଞ୍ଜା ଦେରିକାଣ୍ଡା ଇଞ୍ଜାନା କେଡ଼େକ୍ତ ରେଡ଼ି ।
ସାଙ୍ଗଡଲା ବେ'ସାନା ତାକାତ ଲା'ଆବୁଡ଼ିନି ॥
ଏ'ନ୍ଦ୍ରାକ୍ରାହା ଗଗଡ଼ିଗିଆନା ତାତ ମିରେନି କୁଡ଼ାନୀ ।
ଦେରିବଜି ଦେରିକାଜି ଇଞ୍ଜାନା ବେ'ତେରୁ ସାଙ୍ଗଡଲାଙ୍ଗା ॥
ରେହାରେହାନା ସି'କାତେରୁ ବୁଡ଼ିନାଆ କାଙ୍ଗାପ୍ରା'ଙ୍ଗା ।
ଦେରିଲ'କୁ ବା'ତେକା ସାଙ୍ଗଡଲା ବେ'ସାନା ॥
ନା'ଜୁତାଙ୍ଗି ସଡ଼ତାତେରୁ ।
ରେହାରେହାଡ଼େ ଏ'ନ୍ଦାକ୍ରାହା ଗିଆନା ଜହାରୀ ସିତେରୁ ॥
ଦିନାଦେଶାତାକା ପୁନାକାରୁ ଇଞ୍ଜାନା ସାଙ୍ଗଡଲା ଡ଼ାସ୍‌ତେରୁ ।
ଦେରିଆଜାଆ'ବା ସା'ତେକା ସାଙ୍ଗଡଲା ॥
ବେ'ସାନା ତୁଡ଼େଞ୍ଜିତାଙ୍ଗି ଅତେରୁ ।
ପେ'ନୁ କାବାଡ଼ିଡ଼େଏ ତୁଡ଼େଞ୍ଜି ଟୁକ୍ନା ବେ'ତେରୁ ସାଙ୍ଗଡଲା ॥
ତୁଃପା କୁ'ନା ଆ'ବା ସାଙ୍ଗଡଲା ରାହିଆପାକାରୀ କାଲେଙ୍ଗିକାଲା ।

# ଟାଙ୍ଗୁ-ନିଶାଣ (ଓଡ଼ିଆ ଭାବାର୍ଥ)

ଭଗବାନଙ୍କୁ ପୂଜା କଲାବେଳେ ଟାଙ୍ଗୁ-ନିଶାଣ ବାଜା ବଜାନ୍ତି ।
ତିଆରି କଲେ ଟାଙ୍ଗୁ ନିଶାଣ ଭଗବାନଙ୍କୁ ଆରାଧ ପାଇଁ ॥
ବନ ପର୍ବତ ପ୍ରକୃତି ପୂଜା କଲେ ଟାଙ୍ଗୁ ନିଶାଣ ବାଜା ବଜାନ୍ତି ।
ମଜା ମସ୍ତିରେ ନୃତ୍ୟ କରନ୍ତି ଗାଁର ସମସ୍ତ ଲୋକ ॥
ଖରାକୁ ନାଇଁ ଡର ପାହାଡ଼ ପର୍ବତରେ କଲେ ଫସଲ ।
ଟାଙ୍ଗୁ ନିଶାଣ ବାଜା ବଜାଇ ମେରିଆ ପୂଜା କଲ ॥
କୁଇ ଲୋକ ଗୀତ ନୃତ୍ୟ କରି ଖୁସିରେ ରହିଲ ।
ବାଡ଼ି ବଗିଚା ଟାଙ୍ଗୁ ନିଶାଣ ବାଜା ବଜାଇ ପୂଜାରୀ କଲେ ପୂଜା ॥
ବଡ଼ ବାପାମାଆଙ୍କୁ ସମ୍ମାନ ଦେଇ ବିବାହ କଲ ।
ଟାଙ୍ଗୁ ନିଶାଣ ବାଜା ବଜାଇ ଅନ୍‌ଟା ହଲେଇ ଖୁସିରେ ନୃତ୍ୟ କଲ ॥
ବଡ଼ ବିବାହ ସାନ ବିବାହରେ ବିଭକ୍ତ କଲ ।
ବଡ଼ ବିବାହ କରି ଯଶ ରଖିଲ ॥
ବଡ଼ ବିବାହ କରି ଟାଙ୍ଗୁ ନିଶାଣ ବାଜା ବଜାଇ ॥
ବରକୁ ଧୋତି ଗାମୁଛା, ଧନୁଶର ଧରି
ଗୀତ ନୃତ୍ୟ କରି ଖୁସିରେ ବିବାହ କରିଲ ॥
ଘରକୁ ଅତିଥି ଆସିଲେ ଟାଙ୍ଗୁ ନିଶାଣ ବାଜା ବଜାଇ ।
କଲ ସ୍ୱାଗତଂ, ତା'ଙ୍କ ସଙ୍ଗେ କଲନୃତ୍ୟ ॥
ଟାଙ୍ଗୁ ନିଶାଣ ବାଜା ବଜାଇ ଦେଶ ବିଦେଶରେ ।
ନିଜକୁ କଲ ଖ୍ୟାତି ॥
ଭୁଲିଯିବା ନାହିଁ ଟାଙ୍ଗୁ ନିଶାଣ ।
ରହିଥାଉ କନ୍ଧ ସଂସ୍କୃତିରେ କାଳକାଳକୁ ॥

***

*-ଏ.ଡ଼ି.ଏମ୍. ମାଲକାନଗିରି*

# ମା'ଧେ କୁଇଦିନା

## ଗା'ଡ଼ନୀକ : ଚନ୍ଦ୍ର ଶେଖର ମଲିକ

ମା'ଧେ କୁଇଦିନା... ଆ... ମା'ଧେ କୁଇଦିନା...
ଜହାରୀ ଟା'ଣାପେ'ନୁ, ଜହାରୀ ବାସାପେ'ନୁ, ଇମ୍ବେ ମାଂଜି ଲା
ଇ'ନୁ ଇକେ ତଂଜା ରାଜାମୁଁ... ଆ'ନୁ କୁଇଦିନା ତାନୁ ॥ ୨ ॥
ଉଜାଡ଼ି ଗିନା... ॥୧॥
ଇ'ରି ମା'ଧେ କୁଇଦିନା...
ଜହାରୀ ସ'ରୁପେ'ନୁ, ଜହାରୀ ବୁରାପେ'ନୁ, ଜହାରୀ ଗୁସୁପେ'ନୁ
ଜହାରୀ ବେ'ଲାପେ'ନୁ... ଇମ୍ବେ ମାଂଜି ଡ଼େ ଇ'ନୁ ॥୨॥
ବେଡ଼େକା ବୁଦି ସିଆନା ॥ ୨ ॥
ଇ'ରି ମା'ଧେ କୁଇଦିନା... ଇମ୍ବା ମାନେ
ପିତାବାଲି, ଇମ୍ବା ମାନେ ଏ' ବଡ୍ରାଲି ବେଡ଼େକା ବୁଦି ସିଆମୁ ॥୨ ॥
ପ'ଙ୍ଗିନେ ଦିନା ॥ ୩ ॥
ଇ'ରିମା'ଧେ କୁଇଦିନା...
ପା'ଟ ପ'ଡ଼ି ଆ'ନାସୁ, ବୁଦି ଇକେ ପୁନାସୁ, ଦିନା ଦେଶା ତା
କାତା, ବୁଡୁଜି ତେଲା ଆତା... ନା'ଙ୍ଗେ ଇକେ ବୁଦି ସିଆମୁଁ ॥ ୨॥
ଜେ'ଡା ରେହାନା... ॥ ୪ ॥
ଇ'ରି ମା'ଧେ କୁଇଦିନା
ଜେ'ଡା ଜୀଉ ସା'ଞ୍ଜାନା ।

*ନାଜୁ-ବୁରାକୁଲୁ, ପୋ-ବଇଡ଼ା, ଜି-କନ୍ଧମାଳ*

# ଆମ କୁଇ ଦୁନିଆ (ଓଡ଼ିଆ ଭାବାର୍ଥ)

ଆମ କୁଇ ଦୁନିଆ... ଆମ କୁଇ ଦୁନିଆ
ନମସ୍ତେ ଧରଣୀ ଦେବତା ନମସ୍ତେ ଘର ଦେବତା
କେଉଁଠି ଅଛୁ କହ ।
ଦେଖାଦିଅ ଥରେ ପ୍ରଭୁ ମୁଁ କୁଇ ଲୋକ
ଆଲୋକ କରି ଦିଅ କୁଇ ଦୁନିଆକୁ
ନମସ୍ତେ ପାହାଡ଼ ଦେବତା ନମସ୍ତେ ସୃଷ୍ଟି ଦେବତା
ନମସ୍ତେ ସୂର୍ଯ୍ୟ ଦେବତା କେଉଁଠି ଅଛୁ କହ
ଏହି ଆମ କୁଇ ଦୁନିଆ ।
ଏଠି ଅଛି ପିତାବଳୀ, ଏଠି ଅଛି ମାଁ ବରାଳୀ
ଏଠି ଅଛି ଖମେଶ୍ୱରୀ, ଏଠି ଅଛି ଏ ବାଉରୀ,
କେଉଁଠି ଅଛୁ ଦେଖାଦିଅ ।
ଯଶ ଅପଯଶ ଦୁନିଆ ଜାଣିବ
ଏହି ଆମ କୁଇ ଦୁନିଆ ।
ଏଠାରେ ଅଛନ୍ତି ମୂଳ କନ୍ଧଲୋକ ।
ପାଠ ପଢ଼ିବା କୁଇ ଦୁନିଆର ନାମ ରଖିବା
ଭୁଲିଗଲି ଲୋ ଜେଜେମାଆ ।
ଆଉ ଥରେ କହ କନ୍ଧ ସଂସ୍କୃତିର ଗଳ୍ପ, ଉପନ୍ୟାସ
ଏହି ଆମ କୁଇ ଦୁନିଆ
ଶାନ୍ତି ସରଳତା ସ୍ନେହ ଶ୍ରଦ୍ଧାରେ ପୂର୍ଣ୍ଣ ।

*-ଗ୍ରାମ-ବୁରାଖୋଲ, ବଇଡ଼ା, କନ୍ଧମାଳ*

***

# ଇଆ ସ'ରୁପେ'ନୁ

**ଗା'ଡ଼ନୀକ : ଉତ୍ତମ କହଁର**

ଗାଡ଼ି ଆତେଏ ଇଆନି କ୍ରା'ତତା
ଆର୍ପିମାଇଁ ତାଞ୍ଜେ ଇଆ
ଏ'ରେ ଇଆ ପୁନ୍‌ବା ଗିଆତେ ଦିନେକା
ଅଟେ ରଣ୍ଡାଆ ଇଆ
ସିଡେଏ ତାନ୍ଦେ ଇଡୁ ସିଡେଏ ଏଙ୍ଗା ଗୁଡ଼ି
ମ୍ରାଃନୁ ଦୁବାତା ଲା'କା କାଡୁତା
ବାଡି ତ୍ଲା'ଉତା ସେନ୍ଦୁରି କା'ଜା ଆତେକା
ଇଆ ଏ'ରି ଆଇମାନେ ପେ'ନୁ
ମାଇଁ ନା'ଜୁ କୁଇଙ୍ଗା ମା'ନି ଆଜାନା ତାଙ୍ଗେ
ସିତେରୁ ତାନ୍ଦା ପାଦା ଇଆ ଗ'ଞ୍ଜୁସ'ରୁ ଇଞ୍ଜା
ନେଗି ଗେଲା ଦୁଃଖୁ ଗେଲା ତାନା କାଡୁତା ପ୍ଲା'ପି ମାଇଁ
ଜହାରୀ ଗିଆ ପ୍ଲା'ପିଞ୍ଜାଇଁ ଏ'ଇଆ ଗ'ଞ୍ଜୁସ'ରୁ ମାଞ୍ଜାଦୁମୁ ନାକେ ଇଞ୍ଜା
ମା'ରା ଇଆ ସି'ଡାନେ ନା'କେ
ଆତେକା ବେ'ଲା ପେ'ନୁ ଡା'ଞ୍ଜୁ ପେ'ନୁ
ଇଆ ସିଆମୁ ମେ'ଲା ପ୍ଲା'ପା ବେଞ୍ଜାମୁ ଇଆ
ମାଞ୍ଜାଦୁମୁ ନାକେଏ ଇଆ ଗ'ଞ୍ଜୁସ'ରୁ ପେ'ନୁ
ଏସେକା ତାରାଡେଃକା ମାଇଁ ଆକେରୁ ବଡୁରୁ
ଲା'କାଇ ମାଞ୍ଜାନେରୁ ନି କାଡୁତା
ଇଦାଲି ତାରାଗ ଆ'ନୁ ଡ଼େ ଉତ୍ତମ
ପ୍ଲା'ପି ମାଞ୍ଜାଇଁ ନାଡାଙ୍ଗି ମାଦେଙ୍ଗିତା
ମାଇଁ ନା'ଜୁ ସେ'ରୁଡ଼ାଇ ମ୍ରା'ସୁଡ଼ାଇ
ଇଆ ଆନା ଆର୍ଙ୍ଗିବୁଡି ଗୁଲେଃଲ'କୁ ଆ'ମୁ
ନି'ସିଣ୍ଡାଆ ଲେଞ୍ଜାତା ପ୍ଲାକ୍‌ସା ଦୁତାମୁ ଇଆ
ନେଗାଡ଼ାଇ ମାଞ୍ଜାଦୁପାକାମୁ ଦୁକୁଗ ଏହେତାମୁ ଇଆ ।

# ମାଁ ପର୍ବତ ଦେବତା (ଓଡ଼ିଆ ଭାବାର୍ଥ)

ଜନମ ହୋଇଲି ମାଆର କୋଳରେ
ଡାକୁଥିଲା ମୋ ମାଆ ।
ସେହି ମାଆ ଜଣାଇ ଦେଲା ଦିନେ
ଆଉ ଗୋଟେ ମାଆ
ନାହିଁ ତା'ର ଘର ନାହିଁ ତା'ର ବାରି
ଗଛମୂଳେ ପୂଜା ପାଏ ।
ପଥର ମୁଣ୍ଡରେ ସିନ୍ଦୁର ଲାଗି
ମାଆ ହୋଇ ସେ ବିରାଜମାନ ହୁଏ ।
ଆମ ଗାଁର କନ୍ଧଲୋକ ମାନନ୍ତି, ପୂଜା କରନ୍ତି ।
ଦେଲେ ତାଙ୍କର ନାମ ଗଞ୍ଜୁ ପର୍ବତ
ସୁଖ ସମୟରେ ଦୁଃଖ ସମୟରେ ତା' ପାଦଧୂଳି
ମୁଣ୍ଡରେ ବୋଳି ହୋଇ ନମସ୍କାର କରି
ଏ ମାଆ ! ଗଞ୍ଜୁ ପର୍ବତ ବୋଲି ଡାକନ୍ତି ।
ମାଆ ନଥିବା ପିଲାର ଡାକ ଶୁଣମା
ରହିଥା ମାଆ ମୋ ପାଖରେ ଗଞ୍ଜୁ ପର୍ବତ
ପୂର୍ବ କାଳରୁ ମୋ ଦାଦା କକାମାନେ
ପୂଜା କରୁଥିଲେ ତମ ପାଦତଳେ
ଏବେ ମୁଁ ଯେ ଉତମ
ଡାକୁଛି ସଞ୍ଜ ସକାଳେ ।
ଆମ ଗାଁର ଗାଈ, ବଳଦ, ଛେଳି
ମାଆ, ବାପା, ଅପା, ଖୁଡ଼ି ସବୁଲୋକ
ତୋ କୋଳରେ ଧରି ରଖିଥା ମାଆ
ଭଲ କରି ରଖ ମାଆ ଦୁଃଖ ବିନାଶ କର ।

*ଗ୍ରାମ-ଗଞ୍ଜୁ, ପକାରୀ, ଫିରିଙ୍ଗିଆ*

# ଜହାରୀବା ପ୍ରଦୀପ

**ଗା'ଡ଼ନୀକ : ଲମ୍ବୋଦର ପ୍ରଧାନ**

ଜହାରୀ ଜହାରୀ ଆ'ବା ପ୍ରଦୀପ ନା'ଙ୍ଗେ ॥୧ ॥
ଗା'ଡ଼ି ବ୍ରି'ସିନାରା ଡାଣ୍ଡୁ ତ'ସ୍ତାଡି, ନା'ଙ୍ଗେ
କୁଇ ପ'ଡ଼ିଆ'ତେକାନି ମେଃତେ ଆନ୍ଧାରୀ
ଉଜାଡ଼ି ସି'ଆଦି ତ'ସାନାଙ୍ଗା ପାହେରୀ ॥ ୨ ॥
କୁଇକବି ଇ'ନୁଆ'ବା ଦେରୀ ଲ'କୁଡୀ
କୁଇ କବିଙ୍ଗାରି ଆ'ବା ଜେ'ଡା ନ'ନାଡି ॥ ୩ ॥
ନ'କିକି ସାନା ପାହେରୀ ତ'ସ୍ତାଦି ନା'ଙ୍ଗେ
ଇସେ ବେସ୍କା ନା'ନ୍ଦେ ଆ'ବା କାଡୁଡା ନି'ଙ୍ଗେ ॥୪ ॥
ନି' ଜେ'ଡାଡ଼ାଇ ବା'ପାକାଇ ପଦଙ୍ଗା
ବ୍ରି'ସେବ୍ରି'ସେ ବ୍ରି'ସାକାନୁ ଗା'ମେ ଗା'ଡ଼ିଙ୍ଗା ॥ ୫ ॥
କୁଇ ଗା'ଡ଼ିତାନି ଜୀଉ ମାଞ୍ଜା ଗକାରୀ
ଇଃଙ୍ଗିତା ତ'ସ୍ତାମୁ ନା'ଙ୍ଗେ ନେଗି ପାହେରୀ ॥ ୬ ॥
ପ୍ରଦୀପ କହଁର ଆ'ବା ଜହାରୀ ନି'ଙ୍ଗେ
ଡ଼'ଇ ବ୍ରି'ସାସାକେ ଦୁସ ପିଃତାରାଜାଦି ନା'ଙ୍ଗେ ॥ ୭ ॥

*- ନା'ଜୁ-ସ'ଲାଗୁଡ଼ା, ସାରାଙ୍ଗାଡ଼ା*

# ପ୍ରଣାମ ବାପା ପ୍ରଦୀପ (ଓଡ଼ିଆ ଭାବାର୍ଥ)

ନମସ୍କାର ବାପା ପ୍ରଦୀପ ତୁମକୁ
କବିତା ଲେଖିବାର ରାସ୍ତା ଦେଖାଇଲ ମୋତେ ॥ ୧॥
କୁଇ ପଢ଼ିଲାବେଳକୁ ଅନ୍ଧାର ଦେଖାଦେଲା
ଆଲୋକ ଦେଇ ପଥ ପ୍ରଦର୍ଶନ କରିଲ ॥ ୨ ॥
କୁଇ କବି ତୁମେ ବଡ଼ ଲୋକ
କୁଇ କବିମାନଙ୍କର ବାପା ତୁମେ ମନ କିଣି ନିଅ ନିତି ॥ ୩ ॥
ଆଗକୁ ଯିବାର ରାସ୍ତା ଦେଖାଇବ ତୁମେ
ଏତିକି କହି ତୁମ ପାଦଧୂଳି ଦିଅ ॥ ୪ ॥
ତୁମ କୃପାବଳେ କୁଇ ପଦ ଦ୍ୱିଗୁଣା ହେଉ
ଲେଖୁ ଲେଖୁ ଲେଖିବି ଅଧିକ କବିତା ॥ ୫ ॥
କୁଇ କବିତାରେ ଜୀବନ ଥାଉ ।
ସେମିତି ମୋତେ ଦେଖାଉଥାନ୍ତୁ ଭଲ ପଥ ପ୍ରଦର୍ଶନ କରି ॥ ୬ ॥
ପ୍ରଦୀପ କହଁର ବାପା ତୁମକୁ କୋଟି କୋଟି ପ୍ରଣାମ
ଖରାପ ଲେଖିଥିଲେ କ୍ଷମା କରି ଦେବ ॥ ୭ ॥

*-ଗ୍ରାମ-ସଲାଗୁଡ଼ା, ସାରଙ୍ଗଡ଼, କନ୍ଧମାଳ*

***

# କୁସାବର ଉହିନାସୁ

**ଗା'ଡ଼ନୀକ : ବୁଦ୍ଧଦେବ କହଁର**

ବା'ଦୁ କୁସାବର ଉହିନା ଆ'ଜୁ
କଡା ନାଇଁ ଏସେ ବାଜିନା ଆ'ଜୁ ।
ବା'ନେ ଜେଷ୍ଟ ଡା'ଞ୍ଜୁ, ପୁ'ନି ପି'ଜୁ ବା'ନେ
ଆର୍ଡ଼ା ସିନା ବା'ଡ଼ା ଡୁ'ନାଡ଼େ ଆ'ଜୁ ।
ବା'ଡ଼ାତା ଉହିନା ବିନିସି ସିସେଲି
ଭେଣ୍ଡିଙ୍ଗା, କା'ରେକା, ଉହିନା ଆ'ଜୁ ।
ସାଇଁଙ୍ଗା, ପୁତ୍ରାକା, ଜୁଡୁଙ୍ଗା ବାଙ୍ଗେଣି
ଟମାଟ, ମର୍ଚ୍ଚିଙ୍ଗା, ଉହିନା ଆ'ଜୁ ।
ଓଲି, ଆଲୁମୂଲା, କୁବି ଉହିନାସୁ
ଅମ୍ବରତି, ମ୍ରାଃନୁ ଉହିନା ଆ'ଜୁ ।
ଦେହା ଆ'ଗିତେକା ଆ'ଟାକି ଅ'ନାସୁ
ଟା'କାଙ୍ଗା ପା'ଇଙ୍ଗା ପା'ନାଡ଼େ ଆ'ଜୁ ।
ବୁଦ୍ଧଦେବ ବେ'ଲାପା'ଡ଼ା, କଟ୍ରିଙ୍ଗିଆ
କନ୍ଧମାଳ ଜିଲ୍ଲା ଟିକଣା ପୁଞ୍ଜୁ ।

***

# ଆସ ପନିପରିବା ଲଗାଇବା (ଓଡ଼ିଆ ଭାବାର୍ଥ)

ଆସ ଶାଗ,ପନିପରିବା ଲଗାଇବା ଆମେ
କିଣିକି କେତେ ରାନ୍ଧିବା ଆମେ ।
ଆସିବ ଜ୍ୟେଷ୍ଠ ମାସ ଆସିବ ନୂଆ ବରଷା
ଭଲ ଭାବରେ ବାରିକୁ ହଳ କରିବା ଆମେ ।
ବାରିରେ ଲଗାଇବା ବିନିସି, ଜହ୍ନି
ଭେଣ୍ଡି କଲରା, ଲଗାଇବା ଆମେ ।
ଝଟା, କଖାରୁ, ଝୁଣଙ୍ଗ, ବାଇଗଣ
ଟମାଟ, ଲଙ୍କା, ଲଗାଇବା ଆମେ ।
ପିଆଜ, ଆଳୁ, ମୂଳା, କୋବି ଲଗାଇବା
ଅମୃତ ଭଣ୍ଡା ଗଛ ଲଗାଇବା ଆମେ
କାନ୍ଦୁଲ, ମୁଗ ତରକାରୀ ବହୁତ ଭଲ ଲାଗେ
ମାଙ୍କଡ଼ ଦାଉରୁ ରକ୍ଷା କରି ଜଗିବା ଆମେ
ବୁଦ୍ଧଦେବ ବେଲାପଡ଼ା, କଟ୍ରିଙ୍ଗିଆ
କନ୍ଧମାଳ ଜିଲ୍ଲା ଠିକଣା ମୋର ।

*-ବେଲାପଡ଼ା, କଟ୍ରିଙ୍ଗିଆ, କନ୍ଧମାଳ*

***

# ବା'ଦୁ ଜୁ'ଟୁ ଆ'ନାସୁ

**ଗା'ଡ଼ନୀକ : କରୁଣାକର ପ୍ରଧାନ**

ଆଜା, ଆ'ବା, ଦା'ଦା, କ'କା ଡ଼େ
ବା'ଦୁ ଜୁ'ଟୁ ଆ'ନାସୁ,
ମା'ନ୍ଦାରା କୁଇକାତା ଏଙ୍ଗା
ମା'ନ୍ଦା ସା'ଜା ନି'ପ୍ପାସୁ ।
ସା'ସିଙ୍ଗାନ୍କେ ଆଡ଼ାନାଙ୍ଗାଟି
ସା'ସି କାତା ଗିତାସୁ,
ଆଜା, ଆ'ବା ଆ'ର୍ପା କୁଆନା
ବାପା, ମାଆ ଆ'ର୍ତାସୁ ।
ଆନି କାତା ପୁସେକା ବେଏ
କୁଇ କାତା ବୁଡ୍‌ଜାସୁ,
ମାଇ ମି'ଡ଼ା ବ'ଦାଙ୍ଗାନି ଡ଼େ
ମା'ନ୍ଦା କାତା ଗ୍ରା'ପ୍ପାସୁ ।
ଇଡୁଡ଼ାଇ ସାଇ ମିଅକି
ନା'ଜୁତାଙ୍ଗି ବ୍ରା'ଡ଼ିନା,
ଦିନା ଦିନାତା କୁଇକାତା
ଆ'ଜୁ ଡ଼େ ପ'ଙ୍ଗାଗିନା ।
ମାସି ସିଡ୍‌ଡାତାଇ ସା'ଜାଙ୍ଗା
ନା'ସ୍କାତାର୍ଙ୍ଗି ବାଇନ,
ବୁଦିଂ ତି'ସ୍କା ତି'ସ୍କି ଗିଆନା
ମା'ଙ୍ଗେ ପ୍ଲାପ୍‌କି ମାଞ୍ଜାନ ।
ଏମ୍ବାଇତ କାତାଂ ବେସାନା
ମା'ଙ୍ଗେ ଜେବିଞ୍ଜାନେରୁ ।
ଏମ୍ବାଇ ଡାବୁ ପାଇତାରା
ଲ'ବା ତ'ସ୍କିଞ୍ଜାନେରୁ ।
ଡାବୁ ପାଇ ସେ'ଲୁ ଏନେକି
ଆ'ଜୁ ଟ୍ରେ'କି ଇସାସୁ,
ମା'ନ୍ଦାରା କୁଇ ଲା'କା ସ'କା
ବୁଡ୍‌ଜିସି ସାଜିନାସୁ ।
ଦାର୍ନି, ସ'ରୁ, ଡ'ଣ୍ଡ ଡବଙ୍ଗା
ଲା'କା କ'ଗାଇ ମା'ନେ,
ମା'ନ୍ଦେ ଡ଼େ' ଇ'ରି କୁଇ ସା'ଜା
ମ୍ରା'ଙ୍ଗିସି ସାଜିମାନେ ।
ଏସେ ଆନା ଆ'ତେକା ବେଏ
ସା'ଜା ବୁଡ୍ଲା କୁ'ନାସୁ,
ସା'ଜା ତୁଃତେକାନି ରନିସି
ଜା'ତି ମୁହି ଆ'ନାସୁ

*-ମିଅନ୍ କଙ୍ଗେର୍କାଣ୍ଡି, ସାରାଙ୍ଗାଡ଼ା, କୁଇଦିନା*

***

# ଆସ ଏକତା ହେବା (ଓଡ଼ିଆ ଭାବାର୍ଥ)

ବାପା, ମାଆ, ଭାଇ, କକା ଆସ ଏକତା ହେବା ! ଆମ କୁଇଭାଷା ଏବଂ ସଂସ୍କୃତିକୁ ବଂଚାଇବା । ଓଡ଼ିଆ ମାନଙ୍କ ସହ ମିଶି ଆମେ ଓଡ଼ିଆ କହୁଛୁ । 'ଆଜା, ଆ'ବା' ନ ଡାକି 'ବାପା, ମାଆ' ଡାକୁଛୁ । ଯେଉଁ ଭାଷା ଜାଣିଲେ ସୁଦ୍ଧା ଆମ କୁଇ ଭାଷାକୁ ଭୁଲିବା ନାହିଁ । ତା' ସହ ଆମ ପିଲାମାନଙ୍କୁ ମଧ ଆମ ଭାଷା ଶିଖାଇବା । ଘରୁ ତଳ ଉପରକୁ ଏବଂ ଗ୍ରାମକୁ ଗତି କରିବା ତତ୍ ସଂଗେ ଅଂଚଳ ଅଂଚଳକୁ ଆମ ଭାଷାକୁ ପ୍ରଚାର ପ୍ରସାର କରିବା । ନାହିଁ ନଥିବା ସଂସ୍କୃତି ଗୁଡ଼ିକ ଆମ ଗ୍ରାମାଂଚଳକୁ ଆସୁଛି । ଆମ ଲୋକଙ୍କର ସରଳତା ଦେଖି କଳେ କୌଶଳେ ଆମକୁ ଆକ୍ରମଣ କରୁଛନ୍ତି । କିଏ ବିଭିନ୍ନ କଥା କହି ଆମକୁ ଟାଣୁଛନ୍ତି ତ ଆଉ କିଏ ଟଙ୍କା ପଇସାର ଲୋଭ ଦେଖାଇ ଟାଣୁଛନ୍ତି । ଟଙ୍କା ପଇସାରେ ଲୋଭ ହୋଇ ଆମେ ତାଙ୍କ ଆଡ଼କୁ ଢଳି ଯାଉଛୁ । ଆମର କୁଇ ପୂଜାବିଧି ଆମେ ଭୁଲିଯାଉଛୁ । ଧରଣୀ ଦେବୀ, ପର୍ବତ, ଚୁଆଁ ଆଦିର ପୂଜାବିଧି କମି ଯାଉଛି । ଆମର ଏହି କୁଇ ସଂସ୍କୃତି ଲୁପ୍ତପ୍ରାୟ ହୋଇ ଯାଉଛି । ଯେତେ ଯାହା ହେଲେ ସୁଦ୍ଧା ଆମ କୁଇ ସଂସ୍କୃତିକୁ ଭୁଲିବା ନାହିଁ । ଆମ ସଂସ୍କୃତିକୁ ଛାଡ଼ିଦେଲେ ଦିନେ ଆମେ ଆମର ଜାତି ଓ ପରିଚୟ ହରାଇ ବସିବା ।

*-ଉପର କଙ୍ଗେରୀକିଆ, ସାରଙ୍ଗଡ଼, କନ୍ଧମାଳ*

***

# ଟା'ଣାପେ'ନୁନି ଗଏରୀ

## ଗା'ଡ଼ନୀକ : ବିଶ୍ୱମ୍ଭର ପ୍ରଧାନ

ଜହାରୀ ଇଆ ଟା'ଣାପେ'ନୁ ।
ଜହାରୀ ଇଆ ବାସାପେ'ନୁ... ॥
ଜଆରୀ ଗିପି ମାଜାଂନାମୁ ।
ଇଆ ଗ ନି'କାଡୁତା କୁରାଇଜାଂନାମୁ ॥
ଆ'ମୁ... ନି'କ୍ରା'ତତା କୁରାଇଞ୍ଜାନାମୁ
ଦିନା ପ୍ଲି'ତାବା ଦେସା ପ୍ଲି'ତାବା ॥
ଇ'ନୁ ବ୍ରା'ଡାନାଙ୍ଗା ମାଞ୍ଜି ଇଆ ।
ଇଆ ଗ ଇନୁ... ପ୍ଲାଙ୍ଗାନା ମାଞ୍ଜି ॥
ଟା'ଣା ଦେଙ୍ଗେ ଦେଙ୍ଗେ ଇସାବା ।
ଦିନା ଲେଦେ ଲେଦେ ଇସାବା ॥
ଦେସା ଲେଦେ ଲେଦେ ଇସାବା ।
ସ୍ରିଡି ରାକା ତିଞ୍ଜାମାଞ୍ଜି ॥
ଇଆ ଗ ଟା'ଣାବିରା ଗାଞ୍ଜାଗିଡି ।
ଇ'ନୁ ମା'ଟିଣ୍ଡି ଇ'ନୁ ମା'ଆଣ୍ଡି ॥
ଇ'ନୁ ବୁଏଣି ଇ'ନୁ ବୁଲ୍ଲେଣି
ଇଆ ଗ, ଇ'ନୁ ତୁର୍କିଣ୍ଡି, ଗ୍ରାମ୍‌ସେଣିଣ୍ଡି
ଇ'ନୁ ଜା'କେରୀ ଇ'ନୁ, ସାନ୍ଦେଣୀ
ଇଆ ଗ ନା'ଜୁଜ'ଙ୍ଗା ମାଞ୍ଜାଦି ।
ଇଆ ଗ ନି'କ୍ରା'ତତା କୁର୍କିଞ୍ଜାନାମୁ
ଆମୁ ନି' କ୍ରା'ତତା...ମାନାମୁ
କାଲେଙ୍କାଲା ମା'ନ୍ଦାରା ବେଞ୍ଜିଦୁତାମୁ ଗଏରୀ ।

# ମାଟି ମାଆଙ୍କୁ ଗୁହାରୀ (ଓଡ଼ିଆ ଭାବାର୍ଥ)

ପ୍ରଣାମ ମାଆ ଧରଣୀ ଦେବତା
ପ୍ରଣାମ ମାଆ ଘର ଦେବତା ॥
ପ୍ରଣାମ କରୁଅଛୁ ।
ମାଆ ଲୋ ତୁମ ପାଦରେ ଗୁହାରୀ କରୁଛୁ
ଆମେ ତୁମ କୋଳରେ ଗୁହାରୀ କରୁଛୁ
ଏ'ମାଟି ଏ ବିଶ୍ୱକୁ ସୃଷ୍ଟିକରି
ତୁମେ ଧନ୍ୟ ହୋଇଛ ପ୍ରସିଦ୍ଧ ହୋଇଛ ମାଆ ।
ତୁମେ ବିସ୍ତାର କରି ପରିଚିତ ଅଛ ॥
ମାଟି ଦୁଲ୍‌ଦୁଲ୍, ଅସ୍ଥିର ହେଲା ବେଳକୁ
ଦୁନିଆ ଟଳମଳ ହେଲା ବେଳକୁ ॥
କଂଚା ରକ୍ତ ଖାଇଛ ।
ମାଆଲୋ ମାଟିକୁ ଟାଣ କଲୁ ସ୍ଥିର କଲୁ ।
ତୁମରି ମହିମା ତୁମରି ଗାରିମା ଜଗତ ଗାଇଲା ।
ତୁମେ ଇଷ୍ଟ ଦେବୀ ତୁମେ ଧରଣୀ ଦେବୀ
ତୁମେ ଗ୍ରାମଦେବୀ ତୁମେ ଖିତର ଦେବତା
ତୁମେ ଧରଣୀ ଦେବତା ତୁମେ ସୀମାରକ୍ଷକ ଦେବତା
ମାଆଲୋ ତୁମ ପାଦରେ ଗୁହାରୀ କରୁଛୁ
ଆମେ ତୁମ କୋଳରେ ଅଛୁ ।
କାଳକାଳ ଆମ ଗୁହାରୀ ଶୁଣ ମାଆ ।

# ପିଃପି ମାନାସୁ

**ଗା'ଡ଼ନୀକ : ବାବୁଲା କହଁର**

ଆ'ଜୁଡ଼େ ଆ'ବା କୁଇଙ୍ଗାନାସୁ
କୁଇଦିନାତାନି ପ୍ଲି'ଆ ମା'ନାସୁ ॥
କୁଇଦିନାତାନି ଆ'ଜୁ ପ୍ଲି'ଆନା
କୁଇଦିନା ସିରିବିଦି ବୁଡ଼୍‌ଜାଇ ମାନା ॥
ବା'ଦୁ ନେଞ୍ଜୁ ଗୁଲେଃ ଲ'କୁ ଜୁ'ଟୁ ଆ'ନାସୁ
ଇନା ଇନା ବୁଡ଼୍‌ଜାଇ ନାସୁ ବା'ଦୁ ଦାଃନାସୁ ॥
କୁଇ ଇଡୁତା ଗାଡ଼ି ଆତା ତିନିମ୍ଭା ଉନୁମ୍ଭା ଗିତା
କୁଏଞ୍ଜୁ ଇଞ୍ଜା ଲ'କୁରି ବେସାନା ॥
କୁଇକାତାତିନି ପିଃପି ମା'ନାସୁ
ଇ'ଟା'ଣାତାନି ରାହିଆତା ଇଡୁ, ଗୁଡିଙ୍ଗା ଗିତା ॥
ତାଙ୍ଗେ ନେଞ୍ଜୁ ଲା'କା ପିହାନା
ପିହାନା ଆ'ଜୁ ରାହି ଆ'ତାସୁ ॥
ସ'ରୁବାଡ଼ିତା ତା'ସା ପାଇଟି କାବାଡ଼ି ଗିତା
ସ'ରୁ ଲା'କା ସ'କା କୁ'ଆନା ॥
ଏମ୍ଭେ ଆ'ଜୁ ରାହି ଆ'ନାସୁ ?
ପିଦେରୀ ପିତାଡ଼େ ମାଇଃ, ମେଃପିନୁ ସେଣ୍ଡ ଲାଇଃ ମାଞ୍ଜାନାଇଁ ॥
ଏମ୍ଭେ ମାର୍ଗାନା ରାହି ଆ'ନାସୁ ?
ମି'ଡା ବ'ଦା ଡ଼ାସ୍କିମାନା ବାମାଡ଼େଏନି ଆର୍ସାନା ॥
ମାଇଁ କୁଇ ସିରିବିଦି ପିହାନା ।
ଆ'ଜୁ କୁଇଙ୍ଗା ଇସିଙ୍ଗି ଆ'ନାସୁ ?
ମାଇଁ ସିରିବିଦି ପିଃପା କୁ'ନାସୁ ।

***

# ଛାଡ଼ି ଦେଉଛୁ (ଓଡ଼ିଆ ଭାବାର୍ଥ)

ଆମେ ବାପା କୁଇ (କନ୍ଧ) ଲୋକ ।
କନ୍ଧମାଳରେ ଜନମ ହୋଇଛୁ ॥
କନ୍ଧମାଳରେ ଆମେ ଜନମି ।
କନ୍ଧମାଳରେ ରୀତିନୀତି ଭୁଲି ଯାଉଛୁ ॥
ଆସ ଆଜି ସଭିଏଁ ଏକତା ହେବା ।
କ'ଣ କ'ଣ ଭୁଲିଯାଇଛୁ ଆସ ଖୋଜିବା ॥
କୁଇ ଘରେ ଜନମି ଖାଇବା ପିଇବା କଲୁ ।
କୁଇ ଲୋକ ବୋଲି ଲୋକଙ୍କୁ କହୁଛୁ ॥
କୁଇ ଭାଷା ଆମ ପରିଚୟକୁ ଭୁଲି ଯାଉଛୁ
ଏହି ଧରଣୀ ପେ'ନୁ ମାଟି ମାଆ ପାଖରେ ରହି ଘର କରିଲୁ ॥
ତା'ର ଆଜି ପୂଜା ଛାଡ଼ିକରି
ଚୁପ୍ କରି ରହିଯାଉଛୁ ॥
ବଣ ପର୍ବତେ ଚାଷ କାମ କଲୁ ।
ପର୍ବତ ଦେବତାର ମଧ ପୂଜା ଛାଡ଼ିଣ ।
କୁଆଡ଼େ ଆମେ ରହିବା ?
ଆମରି ପୂର୍ବ ପୁରୁଷ ଦେଖୁଛନ୍ତି ସ୍ୱର୍ଗରେ ରହିକି ॥
ତାଙ୍କୁ ନ ଡାକି, ପୂଜା ନ କରି ।
କୁଆଡ଼େ ଲୁଛି ରହିବା ??
ଛୁଆ ଜନ୍ମ ବା ବିବାହ କାର୍ଯ୍ୟରେ ବ୍ରାହ୍ମଣ ଡାକୁଛୁ ।
ଆମ କୁଇ (କନ୍ଧ) ପରମ୍ପରା ଛାଡ଼ିଲେ
ଆମେ କୁଇ (କନ୍ଧ) ହେବା କେମିତି ??
ଆମର ପରମ୍ପରା କେବେ ଛାଡ଼ିବା ନାହିଁ ॥

*ନା'ଜୁ-ଗଏରୀ ବାଟା, ମିଣିଆ*

# ଆନାରି ଆ'ନେଲା ସୁନା

**ଗା'ଡ଼ନୀକ : ଶରତ ଚନ୍ଦ୍ର ମଲିକ**

ନପ୍‌କି ବା'ଆତାକେ ପୁ'କି ବିହାଙ୍ଗା
ଆନାରି ଆ'ନେଲା ସୁନା ?
ସା'ଞ୍ଜାଡ଼ାଇ ପୁ'ସାମାନେ ଏସେବେ ପୁ'ଙ୍ଗା
ପ୍ଲା'ପା ଆସ୍ୱା ପୁନାତାକେ ମି'ଡାଙ୍ଗା
ଆନାରି ଆ'ନେଲା ସୁନା ?
ପା'ଟ ପ'ଢ଼ି ଆ'ତେକାନେ ଏସେବେ କ୍ଲାସଙ୍ଗା //୧//
ବ୍ରି'ସା କୁ'ତେକାନେ କେରଣି ଡ'ଗଙ୍ଗା
ଆନାରି ଆ'ନେଲା ସୁନା ?
ପୁଞ୍ଜାସାକେ ସା'ଞ୍ଜାନାଆ ଏସେବେ କାତାଙ୍ଗା //୨//
ଲପ୍‌କା କୁ'ତେକାନେ ଆ'ବା ଇଆ ମି'ଡାଙ୍ଗା
ଆନାରି ଆ'ନେଲା ସୁନା ?
ମାସେକାନେ ଦନଦର୍ବ ଏସେବେ ଡାବୁଙ୍ଗା //୩//
କୁ'ଣାନା'ଜୁ ବା'ଆତାକେ ଗତା ବି'ଡ଼ାଙ୍ଗା
ଆନାରି ଆ'ନେଲା ସୁନା ?
କିଆସାକେ ଛାତ ଇଡୁ ମାର୍ବଲ ପ୍ଲେଟଙ୍ଗା //୪//
ସି'ବା କଃପା ପୁନାତାକେ ବାଜାନା ପ୍ରା'ଙ୍ଗା
ଆନାରି ଆ'ନେଲା ସୁନା ?
ନେଗି ନେଗି କୁସାବର କିଆନା ମସ୍ଲାଙ୍ଗା //୫//
କାମାକାରା ଡୁଃତେକାନେ କୁଇ ମି'ଡାଙ୍ଗା
ଆନାରି ଆ'ନେଲା ସୁନା ?
ମାସେକାନେ ସେକେଣି ଏସେ ସୂଗା ଲାଦା କେତାଙ୍ଗା //୬//

***

ଏ'ସାଏ'ନ୍ଦା ଗି'ଆତାକେ ଲା'ବେ ମି'ଡାଙ୍ଗା
ଆ'ନାରି ଆ'ନେଲା ସୁନା ?
ନାଡାଙ୍ଗି ଉଜାଡ଼ି ମେଃତେକାନେ ମୋବାଲିଙ୍ଗା //୭//
ବ୍ରି'ସା କୁ'ତେକାନେ କାତନୀ ଗା'ଣି କେରଣିଙ୍ଗା
ଆନାରି ଆ'ନେଲା ସୁନା ?
ଦେରି ଦେରି ପୁନ୍ନାଗା'ଟି ମାଷ୍ଟ୍ରାଣି ମାଷ୍ଟରଙ୍ଗା ।

*-ଜ୍ରା'କିପାଡ଼ା, ମିଣିଆ, କୁଇଦିନା*

# ଆନାରି ଆ'ନେଲା ସୁନା (କଣ ହେବ ମୋ ସୁନା) ଓଡ଼ିଆ ଭାବାର୍ଥ

ଏହି କବିତାରେ କବି କହିଛନ୍ତି ଫୁଲରେ ଯଦି ଭଅଁର ନ ବସେ ଫୁଲର କି ଲାଭ ? ପାଠ ଶାଠ ପଢି କଥାବାର୍ତ୍ତା ଶୈଳୀ ନ ଜାଣିଲେ ପାଠ ପଢିବାର କି ଲାଭ ? ଢଗ ଗପ ଜାଣିଥିଲେ, ନଲେଖି ଜାଣିଲେ କି ଲାଭ ? ପିତାମାତାର ସେବା ନ କଲେ ପିଲାଛୁଆ ଥାଇ କି ଲାଭ ? ଘରେ ଧନ ସମ୍ପତିଥାଇ କି ଲାଭ ? ଛାତଘର କରିଥିଲେ କି ଲାଭ ଯଦି ସମ୍ପର୍କୀୟ କୁଣିଆ ନ ଆସିଲେ ? ଭଲ ରାନ୍ଧିଥିଲେ ଖାଦ୍ୟ ଯେତେ ପ୍ରକାର ହେଉନା କାହିଁକି ପରଷିବା ଯଦି ନ ଜାଣିଲେ କି ଲାଭ ଅଛି ସେହି ଖାଦ୍ୟର ? ଜମି ଥାଇକି ଲାଭ ଯଦି କାମ ନ କରାହୁଏ ? ନାଚଗୀତ ନ ଗାଇଲେ ଯୁବକମାନେ ଥାଇ କି ଲାଭ ? ଖାଲି ମୋବାଇଲ୍ ଧରି ଦେଖିଲେ କି ଲାଭ ? ମାଷ୍ଟର ଗୁରୁ ଥିଲେ କ'ଣ ହେବ ପ୍ରବନ୍ଧ, କବିତା ଯଦି ନ ଲେଖିବେ ?

*-ଜ୍ରା'କିପାଡ଼ା, ମିଣିଆ, କୁଇଦିନା*

***

# ଏ'ଲୁଗିନା

## ଗା'ଡ଼ନୀକ : ଅର୍ଜୁନ କହଁର

କାତାଡ଼େ କାତାଡ଼େ
କାତା ସିଆଞ୍ଜାତିଲା,
କାତା ଇ'ନୁ ଇଟାଇଁ ଇଞ୍ଜା ।
ଏ'ରା କାତା ବୁଡୁଜିତି ଗେନା
ଇସିଙ୍ଗି ନେଞ୍ଜୁ, ଇ'ନୁ
ବୁଡୁଜାତି ଗେନା ?
ପାହେରୀ ଲେକ୍ସାନା ଇ'ନୁ ସାସି
ନି'ନ୍ଦା ପଦେକା କାତା ବେଇ ଇଞ୍ଜା,
ବା'ଜାମାସେଏ ମି'ପା'ଡ଼ାକି ଆ'ନୁ,
କାତା ତ ସିଆରାଜାତି ଇ'ନୁ ।
ସି'କିଞ୍ଜାତି ନା'ଙ୍ଗେ ଇ'ନୁ ପ୍ରଃପା (ବା'ଟା),
ପ୍ରଃପିଞ୍ଜାତି ନା'ଙ୍ଗେ ଇ'ନୁ,
ନି'ନ୍ଦାରା ପ୍ରଃପା ତ ନା'ଙ୍ଗେ ଆ'ଜାତେ ରେହା,
ବୁଡୁଜାରାଜେଃନୁ ଏସେକା ବେଃଏ ଆ'ନୁ ।
ମା'ନ୍ଦେ କାତା ନେ'ଞ୍ଜୁଲା ସୁନା,
ପାହେରୀଆ ଅଟେଏ ଆଟାତା
ପ'ଙ୍ଗାଇନାସୁ ଆ'ଜୁ ନେ'ଞ୍ଜୁ ।
ଏ'ଲୁ ଗିନାରି ଡେଲି ବା'ଜାନେ ସୁନାଲା,
ଆ'ନୁ ବା'ଜାସେଃଏ କାତା ଇଟାତିକି ଲା,
ଗୁ'ଲେଃ ତାରା କାତା ବୁଡୁଜାନା ।
ବାଣାଙ୍ଗି ଡେଃଙ୍ଗି ଆଇସେ ଆ'ନୁ,
ନି'ଙ୍ଗେ ଏ'ଲୁଗି ଏ'ଲୁଗି ସୁନା ।

*-ନାଜୁ- ପିପେଲ୍‌ମା'ଲରା, ଗସାପା'ଡ଼ା, କନ୍ଧମାଳ*

***

# ମନେପକେଇବା (ଓଡ଼ିଆ ଭାବାର୍ଥ)

ମନେପଡ଼େ...
କଥାରେ କଥାରେ
କଥା ଦେଇଥିଲ
କଥା ରଖିବି ବୋଲି...
ସେହି କଥା ଭୁଲି ଗଲକି
କେମିତି ଆଜି ତୁମେ ଭୁଲିଗଲ ?
ମୋ ବାଟ ଭାଙ୍ଗି ଚାଲିଗଲ ତୁମେ
ତୁମ କଥା ପଦେ ଶୁଣିବି ବୋଲି
ଆସିଥିଲି ତୁମ ଘରକୁ
କଥା ତ କେବେ ହେଲନି ?
ଦେଉଥିଲ ମୋତେ ଗାଳି
କିଣି ନେଉଥିଲ ମୋର ମନ
ତୁମେ ଗାଳି ମନେ ଜାଗଇ ଆନନ୍ଦ
ସେଥିପାଇଁ ଭୁଲିପାରୁନି ତୁମକୁ ।
ଆମ କଥା ଆଜି ସୁନା
ବାଟଘାଟ ବଜାରେ ଆମରି କଥା
ଖବର ଚାରିଆଡ଼େ ପ୍ରଚାର
ମନେ ପକାଇବାର ଦିନ ଆସିଛି ସୁନା ।
ମୁଁ ଆସିଥିଲି କଥା ରଖିବାକୁ ଲୋ ଧନ
ସବୁ ପଛ କଥା ଭୁଲି ଯାଇକି
ପାଗଳ ପରି ହେଉଥିଲି ମୁହିଁ
ତୁମକୁ ମନେ ପକାଇ ପକାଇ... ।

*-ପିପଲମାଲା, ଗୋଛାପଡ଼ା, କନ୍ଧମାଳ*

# କୁଇଦିନା ପ'ପ୍‌କା

## ଗା'ଡ଼ନୀକ : ଏସିଆ କହଁର

ବା'ଦୁଡ଼େ ମା'ଏ କୁଇ ପା'ଟ ଆ'ଜୁ ଗ୍ରା'ମ୍ମିନା
ମା'ନ୍ଦା କୁଇଦିନା ଆ'ଜୁ ରସ୍ନା ।
ମା'ନ୍ଦେ ସା'ଜା କୁଇ ସା'ଜା ଗୁଲେଃ ଡିଙ୍ଗି ଦେରାଡ଼ି
ଆ'ଜୁ ନେ'ଞ୍ଜୁ ଆନାଡ଼ିକି ଆନା ବେଅଡ଼ି ?
ମା'ନ୍ଦେ ଦିନା କୁଇଦିନା ସା'ଞ୍ଜା ମାନାରୀ
ସ'ରୁ ଦଡ଼ାଡ଼ାଇ ପୁ'ଙ୍ଗା ପୁଃପିମାନାରୀ ।
କୁଇକାତା ତେହଙ୍ଗି ସିଡେ ତୁସ୍‌ନାତାରୀ
କୁଇକାତା ଗା'ଣି ବେସେକା ଆଣ୍ଡେସି ଜିଲ୍‌ଇନାରୀ ।
କୁଇ ସହପା ଗିନା ଆ'ଜୁ ଗୁଲେଃ ବାହାତା
କୁଇ ପ'ଙ୍ଗା ପା'ନେ କୁଇଦିନା ପତ୍ରିକାତା ।
କେରଣ୍ଡି ବାକେଣି କାତା ସତ ଜୁଗତାଇ
କାହାଇ ମାସେରୁ ନୂଡ଼େ ସତ ବେସାନାଇ
ମୁହି ଆଇନେ କେରଣ୍ଡି ବାକେଣି ସତକାତା
ଲ'କୁ କାତା ଆହାନା ନେ'ଞ୍ଜୁ ଆ'ଜୁ ମୁହିଆତା ।
ତୀର୍କାଲି ଆ'ଜାନା ନେ'ଞ୍ଜୁ, ଆ'ଜୁ ନିଙ୍ଗିନା
ଦିନା ଦିନାତା ଗୁଲେଃ ଆ'ଜୁ ପ'ଙ୍ଗା ପା'ନା ।

*ନାଜୁ- ଗାନିଗାଣ୍ଡ, ପିରାକଲା, କୁଇଦିନା*

# କନ୍ଧ ରାଜ୍ୟର ପ୍ରଚାର ପ୍ରସାର (ଓଡ଼ିଆ ଭାବାର୍ଥ)

ଆସରେ ସାଙ୍ଗ ବନ୍ଧୁମାନେ ଆମ କୁଇ ପାଠ ଶିଖିବା ।
ଆମ କନ୍ଧମାଳ ସଜାଇବା ।
ଆମ ପରମ୍ପରା ଉଚ୍ଚ କଟୀର,
ଆମେ ହେବାନି କାହା ପଛରେ ।
ଆମ କନ୍ଧମାଳ ଅତି ସୁନ୍ଦର
ପାହାଡ଼ ପଥରରେ ଫୁଟେ ଫୁଲ ।
କୁଇ ଭାଷାର ପରି ନାହିଁ ଭାଷା ମଧୁର
ଶୁଣିଲେ ଆମଗୀତ ଲାଗେ ମଧୁର ।
କୁଇ ଭାଷା ଟେକ ରଖିବା
ଆମ ଭାଷା ପ୍ରଚାର ପ୍ରସାର କରିବା
ଆମ ଢଗଢ଼ମାଳି ଗଳ୍ପ କହିବା
ସତ୍ୟ ଯୁଗରେ କହୁଥିଲେ ସତ୍ୟ ସତ୍ୟର କଥା ।
ଧିରେ ଧିରେ ହଜୁଛି ସ୍ମୃତି
ପରବୁଦ୍ଧିରେ ଭାଙ୍ଗୁଛି ମତୀ ।
ଜାଗ୍ରତ ହୋଇ ଆସ ଉଠିବା ଆଜି ,
ଏ' ଭୁବନେ ରଖିବା ଆମରି ଖ୍ୟାତି ।

*-ଗାନିଙ୍ଗିଆ, ଫିରିଙ୍ଗିଆ*

***

# ଜୂଟୁଗ ଡା'ଟା

## ଗା'ଡ଼ନୀକ : ନରେଶ କହଁର

ବେଞ୍ଜାରାଜୁ ଆଜାଆ'ବା ଇ'ରା କୁଇ କଞ୍ଜା
କାତା ରଣ୍ଡା ବେସ୍ଵିଞ୍ଜାଇ ଗ୍ୟାନା କଞ୍ଜାରଞ୍ଜା ।
ଇନି ଭାଗ୍ୟ ନେଞ୍ଜୁ ଈ'ରେ ଇନି କର୍ମ କାତା
ଏସେ ଦିନା ଦେଶା ଡ଼େକା ରହେ ଆ'ଜୁ ନିକ୍ତା ।
ଇନି ଭାଗ୍ୟ ମାସେ ମା'ନ୍ଦେ ଜୂ'ଟୁ ଆ'ବାତାଙ୍ଗି
ଇନି ବ୍ରି'ସା ମାସେ ନେ'ଞ୍ଜୁ ଜୂଟୁ ଆ'ବାତାଙ୍ଗି ?
ଏସେ ଆଡାରଞ୍ଜା ନାଙ୍ଗା ଓ'ଜାଗ ମାନାସୁ
ଇ'ରା ଡେଃଙ୍ଗି କାଲେଙ୍କାଲା ରାହି ଆ'ପାକାସୁ ।
ଇମ୍ବାଏ ଗୋ ଇ'ରାସଭା କାହେ ଟ'ଣ୍ଡା ସେରୁ
ଏ'ବାରୁଗ ପେନ୍‌କାମାଙ୍ଗା ମାଇଁବାଗା ଗୁରୁ ।
ଜୂଟୁଗ ସା'ଞ୍ଜା ଆ'ବା ଜୂଟୁଗ ଡା'ଟା ବେ'ଲା
ଈରା ଡେଃଙ୍ଗି ରାହିଃଆନା ଆ'ଜୁ କାଲେଙ୍କାଲା ।
ଦୁସ ମାସେକାନେ ଆ'ବାଦୁସ ପିଃତାଦେରୁ
ଈରୁ ପେନ୍‌କାମାଙ୍ଗା ପେ'ନୁ ନାଇଁ ସେ'ଲୁ ଗୁରୁ ।
ପୁଞ୍ଜା ସିଡାନାନୁ ଆ'ନୁ ସାଇନ୍ ଦିନାତାନୁ
ଇସିଂଙ୍ଗିଆ ବ୍ରି'ସାଆ'ନେ ପୁଞ୍ଜିଗସିଡେନୁ ??
ସାଇନ୍ ଦିନା ମିଆନ୍ ଦିନା ଗୁଲେଃ ଲ'କୁରୀ
ରି'କାଜୁଡ଼ାଇ ନରେଶ ଗିଆତେ ଜହାରୀ ।

*-ଜୁଆଘରା, ଗସାପା'ଡ଼ା, ପିରାକଲା, କୁଇଦିନା*

# ଏକତା ହିଁ ବଳ (ଓଡ଼ିଆ ଭାବାର୍ଥ)

ଶୁଣ ବାପା ମାଆ ଏହି ମୋର କବିତା
କହୁଛି ମୁଁ ମନ ଦେଇ ଏହି ମୋର ବାରତା ।
କି ଭାଗ୍ୟ ଥିଲା ଆଜି ମେଳେ ଏକତା ଘଟିଲା
ଏତେ ସୁନ୍ଦରରେ ଆମେ ହୋଇଛୁ ଆଜି ରୁଣ୍ଡ ।
ଏହିପରି ଯୁଗେ ଯୁଗେ ହେଉଥିବା ସାକ୍ଷାତ ।
କେଉଁମାନେ ପ୍ରଥମେ ଏହି ସଭା କରିଲେ
ଏହିପରି ଏକତା ହୋଇ ରହିବା ।
ସେହିମାନେ ଧନ୍ୟ ଭଗବାନ ସମାନ
ଅଧର୍ମ ମୂର୍ଖ ମୁହି ତଳ ଦୁନିଆ ଲୋକ ।
କିପରି ମୁଁ କହିବି କହିବା ଜଣା ନାହିଁ
ଉପର ତଳ ଦୁନିଆ ସମସ୍ତ ଲୋକଙ୍କୁ ।
ଦୁଇ କରଯୋଡ଼ି ଏ ନରେଶ କରୁଛି ପ୍ରଣାମ ।

*-ଗ୍ରାମ -କୁଆଘରା, ଗୋଛାପଡ଼ା, କନ୍ଧମାଳ*

***

# ଡୁଃପା

**କେରଣ୍ଡିକ : ମଙ୍ଗରାଜ ପ୍ରଧାନ**

ଇ'ରି ପୂର୍ବା ରଗସିତାରି କାତା, ଲ'କୁ ଦାଲାଆଆ ସିଡାତେରୁ ଦେହା । ଗାଡ଼ିଆଜାନା ଲ'କୁଇ'କେ ଦା'ଲାଆଜା ସେରୁ ଏ'ସେକା, ଆହେଙ୍ଗା ପାଦାତାଞ୍ଜୁ ଡ଼ାଞ୍ଜାସେଞ୍ଜୁ । ପଣ୍ଡତ୍ରୀ ବାହାଡ଼େ ରନିଃସି ଆହେଙ୍ଗା କୁଡ଼ା ଟୁ'ଟୁଆଃତେ, ଗାର୍ବାରାହିଆତେ । ଆହେଙ୍ଗା କୁଇ ଜାତି ଲ'କୁତାଞ୍ଜୁ । କୁଡ଼ାଟୁ'ଟୁତା ମି'ତାବାଡ଼ି ଆନେ ଦିରେଦିରେ ମି'ଡାଗାଡ଼ି ଆ'ବାଡେଲି ସଡ଼ିଙ୍ଗି ଏକାତେ ଗାଡ଼ିଆ'ବା ଡେଲିତାତ ଗାଡ଼ିଆ'ବା ମୁଆତେ । ମି'ଡାତ ସୃତାରା'ଆତେ । ଏସେର ବେ'ଲା ମା'ରାମୁଆନ୍ ବାଗାଜୁ'ଗିତେ ଏ'ସେକା ଆହେଙ୍ଗା ଆନିଃରୁ'ଜୁବେଏ ପା'ନାତେଞ୍ଜୁ, ଇସିଙ୍ଗିଗିତେକା ମି'ଡାଗାଡ଼ି ଆ'ବାମୁ'ନେ ଇଞ୍ଜିନା ପାହେରୀ ଦାଃତେଞ୍ଜୁ । କୁ'ଟାଗାଣ୍ଡି ଇକେ ଦାଃତେଞ୍ଜୁ ସୁଡାଏସାନେ ଗୁଟିଏସାନେ ଇ'ସେଞ୍ଜୁ କୁ'ଟାଗୁରୁ । ଡୁପିଃତାକେ ଏଃପିତାକେ ନେକିଆନେ, ନଲେ ମି'ଡାସା'ନେକି ଟାଡିସା'ନେ ବେସ୍ୱାମୁ'ପା ଆ'ଏଇସେଞ୍ଜୁ ଗୁରୁ । ଡୁଃପାଗାଟାକା ସିଡ଼ାତେରୁ କି ଡୁଃପାଏମ୍ବାଇ ପୁନାସିଡ଼ାତେରୁ ଏ'ଡେଲିତାନି । ଆହେଙ୍ଗାଇ ଦେରିବିକାଲି ପ୍ଲା'ଙ୍ଗିତେ । ଏ'ଲୁଗିତେଞ୍ଜୁ ଇସିଙ୍ଗି ଆତେକ୍ ବେ ନାଇକୁଡ଼ାନିଃ ନାଇ ମି'ଡାତିନିଃ ନିଃପି ଏମ୍ବାଇ ଇରାପୁଂଜା ଦୁନେରୁ ଇଂଜାନା ଏ'ଲୁଗିତେଞ୍ଜୁ । ଆ'ଏ ବୁରାପେ'ନୁ ବୁରାମାଜୁତ ମା'ଙ୍ଗେ ଅଟେ ଦିନା  ଦେସା ଗାଡ଼ିଗିଆନେ ପେ'ନୁଇ ବେଙ୍ଗାଇ ଇଞ୍ଜାନା ସ୍ଡ'ତେଞ୍ଜୁ । ନ'ସୁଡ଼ାଇ ଗେନା ତାକାନା ସାଇଇଂଜାନା ତ ଇଜତେ ସ୍ଡ଼ତେଞ୍ଜୁ । ମୁ'ତେଞ୍ଜୁ ଜାଗୁଲାଇକି ସାଇଆକା ଇଂଜାନା । ସାଜୀସାନିଃ ପେ'ନୁଇ ପଦଗିଆନା ଆର୍ସାନା କ୍ଲୁକ୍ସାନା ସାଜୀସାନିଃ ବୁରାପେ'ନୁ ବୁରାମାଜୁ ସେତ୍ରଢ଼େଏନେ ବେସ୍ତ ଆ'ଏ ଆ'ଏ ଇ'ରୁ ସେଣ୍ଡନ୍ ତାରାକି ବା'ଆଟୁ ନାଇଡ଼େଃଙ୍ଗିତାଞ୍ଜୁ । ବାହେଡ଼ିସିରୁ ଜଡ଼ିସି'ରୁ ପିତାଲ'କା କାପେଡ଼ିଲ'କା ବିଗାକା ଟିଟ୍ରୀସ'ଲା ମ୍ଡକିବିହା, ବଣ୍ଡରୀବିହା ପୁ'ତାନା ସୁ'ପାନା ପଦଗିଆନା ପାଦାଦହାନା ସୁଡାତାରା ଗୁଟି ତାରା ଢୁପିଃନେଞ୍ଜୁ ଏପିଃନେଞ୍ଜୁ ସି'ରୁସିଆନେଞ୍ଜୁ କୁ'ଡୁସିଆ ନେଞ୍ଜୁ ଇସେକା ସୁଡାଗୁଟିସାନେ, 'ବେସ୍ତେ ଦେରି ବୁରାପେ'ନୁ । ପେ'ନୁତା କା'ତାବେଂଜାନା ଆହେଙ୍ଗା, ଇ'ପୂର୍ବାବୁଡା ବାହାଡ଼େ ସି'ରୁଜା'ସାନା ସୁଡାରୁଡ଼ି ଏହେପିତେଞ୍ଜୁ । ଡ଼ଃୁପାଃଙ୍ଗେ ତାଡ଼ାକୁଡ଼ା,  ମି'ଡା ଟୁ'ଟୁତା, ସଜୁ'ସାସାରି ମି'ଡା

ତାଣ୍ଡେଗାଡ଼ିଆତେ । ଏ' ସିଦିନାଡ଼େ ସୁଡ଼ାତାରା ଗୁଟିତାରା ପୂର୍ବା ବୁଡାଙ୍ଗା ସେଡ଼ସାନାକା ପୁଡୁସାନାକା ଡୁଃପା ଏ ପାଃଗିପିନେରୁ ଏଙ୍ଗାଦିନାତାନିଃ ସୁଡାଗୁଟି ବାହାଡ଼େ ଲ'କୁ ଜିଡ୍ଡୁବା ପା'ଟେରୁ । ଇ'ରିଇଦେ ତା'ରେ ପୁରେଡ଼ାଇ, ପୂର୍ବାଡ଼ାଇ ଆଇସି ବାଇନେ ।

# ମୁକ୍ତ (ଓଡ଼ିଆ ଭାବାର୍ଥ)

ପୂର୍ବ କାଳର କଥା । ପୂର୍ବେ ପୃଥିବୀ ପୃଷ୍ଠରେ ମଣିଷ ଜନ୍ମହେବାର କିଛି କାଳ ବର୍ଷ ବିତି ଚାଲିଲା । ସେହି ସମୟରେ ଲୋକମାନେ ଆଦିମ ଅଧିବାସୀ ରୂପେ ବିଚରଣ କରୁଥାନ୍ତି । ସେହି ସମୟରେ ଆଦିବାସୀ କୁଇ ସମ୍ପ୍ରଦାୟରେ ଗୋଟିଏ ସୁଡାଗୁଟି ନାମକ ଗୋଟିଏ (ତୁଣ୍ଡ ବା ଅଭିଶାପ) ଭୟଙ୍କର ପରିସ୍ଥିତି ସାମ୍ନାକୁ ଆସିଥିଲା । ସୁଡ଼ାଗୁଟି ହେଲେ ମା'ମାନେ ଛୁଆଜନମକରି ପାରନ୍ତି ନାହିଁ । ସେହିଭଳି ଚାଷ, ବିହନ, ମାଙ୍ଗଳିକ କାର୍ଯ୍ୟରେ ବାଧା ଉପୁଜିଥାଏ । ସେହିପରି ପୂର୍ବକାଳରେ ଆହେଙ୍ଗାଙ୍କ ସ୍ତ୍ରୀ ଗର୍ଭବତୀ ହୋଇଥାଏ, ସେ ସ୍ତ୍ରୀ ଛୁଆ ଜନମ ଦେଇପାରୁ ନଥିଲେ । ସମୟ ବିତିଚାଲୁଥାଏ ଛୁଆଜନମ କରିପାରୁନଥାନ୍ତି । ଆହେଙ୍ଗା କିଛି ସମୟ ପାଇପାରିଲାନି କୁ'ଟାକାଣ୍ଡି ଦାଃତେଞ୍ଜୁ । ତା'ପରେ କୁ'ଟାଗାଟାଞ୍ଜୁ କହିଲା । ସୁଡାଗୁଟି ହେଇଛି ତୁମ ସ୍ତ୍ରୀଙ୍କୁ ମୁକ୍ତ କରିବା ଲୋକ କେହିନଥିଲେ । ଆହେଙ୍ଗା, ବୁରାପେ'ନୁ ତ ସୃଷ୍ଟିକରର୍ତ୍ତା ମନୁଷ୍ୟ ଜୀବଜଗତ ଏ ଦୁନିଆ ସୃଷ୍ଟିର କାରଣୀ । ପେ'ନୁକୁ ପଚାରିବାକୁ ବାହାରିଲେ । ଏ'ମାଟିରୁ ଆକାଶକୁ କିପରି ଜୀବ ଦୌଡ଼ିରେ ନାଚିଲେ କି ଭାବି ଭାବି ଚାଲିଚାଲି ଯାତ୍ରାକରୁଥିଲେ । ସେହି ସମୟରେ ବୁରାପେ'ନୁ କହିଲା ଉପରୁ, ହେ ଆହେଙ୍ଗାମେ ତୁମେ ଉପରକୁ ଆସନି, ମୋରନାମ ଉଚ୍ଚାରଣ କରି ବିଗାକା, ଟିଟ୍ରିସ'ଲା, ପିତାଲ'କା କାପେଡ଼ି ଲ'କା ନଦୀପାଣି ନାଳ ପାଣି ଧରି ମୁକ୍ତ କର, ତୁମର ସବୁ ମଙ୍ଗଳ ହେବ କହିବାରୁ ସେପରି କଲେ ସୁଡା ଅଭିଶାପରୁ ମୁକ୍ତ ହେଲେ ସେହିଦିନୁ ଏପରି କରାଯାଉଛି ।

*- କାଣିବିଡ଼ିକା, ସାରଙ୍ଗଡ଼, କନ୍ଧମାଳ*

# ଚିନ୍ତା ଓ ଚିନ୍ତନ-୧

## ଅଶିକ୍ଷିତ ଏବଂ ପଛୁଆ କନ୍ଧ/କୁଇ ଆଦିବାସୀମାନଙ୍କୁ ଆଗକୁ ଆଣିବା କିପରି ?

ଆମ୍ଭେ ଜନ୍ମ ହୋଇଛନ୍ତି ଅର୍ଥାତ୍ ମରଣ ସୁନିଶ୍ଚିତ । ମୃତ୍ୟୁ ପୂର୍ବରୁ ଆମ ଅଶିକ୍ଷିତ ଏବଂ ପଛୁଆ ଭାଇ ଭଉଣୀଙ୍କ ବିକାଶ ପାଇଁ କିଛି କରି ଗଲେ ନିଜେ ତ ପୁଣ୍ୟ କମାଇବା, ସହିତ ଆମ ଆଦିବାସୀ ସମାଜର ଉନ୍ନତି ହେବ ଏବଂ ଆମ ଭାଇ ବନ୍ଧୁ କୁଟୁମ୍ବ ହୀନମନ୍ୟତାରୁ ମୁକ୍ତି ପାଇବେ । ଏହି ଚିନ୍ତା ଏବଂ ଚିନ୍ତନ ବର୍ତ୍ତମାନର ଯୁବ ପୀଢ଼ିଙ୍କ ହୃଦୟରେ ଜାଗ୍ରତ କରାଇବାକୁ ପଡ଼ିବ । ଏହି ଚିନ୍ତନ ଆମ ପୂର୍ବଜମାନଙ୍କର ଥିଲା ବୋଲି ୧୯୨୩ ମସିହାରେ କୁଇ ସମାଜ ଗଠନ କରି ବିଭିନ୍ନ ସଚେତନ କାର୍ଯ୍ୟକ୍ରମ କରି ଆସିଛନ୍ତି । ସେହି ନମସ୍ୟ ପୂଜନୀୟମାନଙ୍କ ମଧ୍ୟରୁ (୧) ସତ୍ୟନାରାୟଣ ଜେନା (୨) ପୀତାମ୍ବର ମଲିକ (୩) ଅନ୍ତର୍ଯ୍ୟାମୀ ମଲିକ (୪) ବାଳକୃଷ୍ଣ ମଲିକ (୫) ଉଗ୍ରେସେନ ମଲିକ (୬) ପ୍ରଫେସର ତ୍ରିଲୋଚନ କହଁର (୭) କୁମୁଦ ଚନ୍ଦ୍ର ମଲିକ (୮) ଅଙ୍ଗଦ କହଁର (୯) ଗୌର ଚନ୍ଦ୍ର କହଁର । ଆଦି ନିଃସ୍ୱାର୍ଥପର ଭାବରେ ନିଜର ତନ୍ ମନ୍ ଧନ୍ ଦେଇ ସମାଜର ସେବା କରିଛନ୍ତି । ବର୍ତ୍ତମାନ ସମୟକୁ ବିଚାର କଲେ ସୁଦର୍ଶନ କହଁର 'ସଭାପତି', ଅବନୀ କୁମାର କହଁର 'ସମ୍ପାଦକ', ଭାବିନ୍ଦ୍ର କହଁର 'କୋଷାଧକ୍ଷ' ଏବଂ ଅନେକ ସହଯୋଗୀ ମଧ୍ୟ ନିଃସ୍ୱାର୍ଥପର ଭାବରେ କନ୍ଧ ଜାତିର ସେବା ଅହରହ ଅନବରତ ଭାବରେ କରୁଛନ୍ତି । କିନ୍ତୁ ସୀମିତ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ସମାଜର ସାମଗ୍ରିକ ବିକାଶ କାର୍ଯ୍ୟ କରିବା ସହଜ ନୁହେଁ । ଏଥିପାଇଁ ସ୍ୱେଚ୍ଛାସେବୀ ଜନଶକ୍ତି, ଅର୍ଥଶକ୍ତି ଏବଂ ଆମ ସମାଜର ସାଧାରଣ ଲୋକମାନଙ୍କର ଇଚ୍ଛା ଶକ୍ତିର ଆବଶ୍ୟକତା ରହିଛି । ଯେ କୌଣସି ଯୋଜନା କଲେ ତାକୁ କାର୍ଯ୍ୟକାରୀ କରିବା ପାଇଁ ଏହି ଶକ୍ତି ଗୁଡ଼ିକର ଅଭାବ ହେତୁ ଆମ୍ଭେ ଅନେକ କ୍ଷେତ୍ରରେ ଅଗ୍ରସର ହୋଇ ପାରୁ ନାହାଁନ୍ତି । ଡ. ବାବା ସାହେବ ଆମ୍ବେଦକର, ଭାରତୀୟ ସମ୍ବିଧାନ ପ୍ରଣେତା ତଥା ପଛୁଆ ବର୍ଗର ଚିନ୍ତକ ଅତି ଅଳ୍ପ ଶବ୍ଦରେ କହିଥିଲେ ପଛୁଆ ବର୍ଗକୁ ଆଗକୁ ନେବା ପାଇଁ 3T ର ଆବଶ୍ୟକତା ରହିଛି । (୧) Time ସମୟ, (୨) Talent ଜ୍ଞାନ, ବୁଦ୍ଧି (୩) Treasur ଧନ । ଏହି ୩ ଆମର ଶିକ୍ଷିତ ଏବଂ ସଚେତକ ଭାଇମାନେ ସମାଜ ପାଇଁ ପ୍ରଦାନ କଲେ, ଆମର ଅଶିକ୍ଷିତ ଏବଂ ପଛୁଆ ବର୍ଗ ନିଶ୍ଚିତ ଭାବରେ ଆଗକୁ ଯିବେ । ବର୍ତ୍ତମାନ ଆମ କନ୍ଧ ସମାଜରେ ଦେଖାଯାଏ ଯେ ଶିକ୍ଷିତ ଚାକିରୀଆ ଭାଇ ଭଉଣୀମାନେ କୁଇ ସମାଜ

ଠାରୁ ଦୂରେଇ ରହୁଛନ୍ତି । କୁଇ ସମାଜକୁ ଆସନ୍ତି ନାହିଁ। ବରଂ କିଛି ଶିକ୍ଷିତ ବ୍ୟକ୍ତି ସ୍ୱେଚ୍ଛାରେ କାର୍ଯ୍ୟ କରୁଥିବା କୁଇ ସମାଜ କର୍ମକର୍ତ୍ତା ମାନଙ୍କୁ ବ୍ୟଙ୍ଗ ବିଦ୍ରୁପ କରିଥାନ୍ତି । ସେମାନଙ୍କୁ ପ୍ରୋତ୍ସାହନ ଦେଇ ନୂତନ ଦିଗ୍ ଦର୍ଶନ ଦେବାର ଆବଶ୍ୟକତା ଅଛି । ସମାଜ ସେବା କଲାବେଳେ କ'ଣ ଅନ୍ତରାୟ ସୃଷ୍ଟି କରୁଛି, କ'ଣ କଲେ ଅନ୍ତରାୟ ହଟି ପାରିବ ତା'ହା ବି ଶିକ୍ଷିତ ବୁଦ୍ଧିଜୀବୀବୃନ୍ଦ ଚିନ୍ତନ କରିବା ଉଚିତ୍ । କେବଳ ତଳ ସ୍ତରରେ ରହୁଥିବା କୁଇଲୋକଙ୍କୁ ନେଇ କୁଇ ସମାଜ ଚାଲିଲେ ପଛୁଆ ଅଶିକ୍ଷିତ ଭାଇମାନେ ପ୍ରେରଣା ପାଇବେ କିଭଳି ? ଆଗକୁ ଆସିବେ କିଭଳି ? କ୍ରମଶଃ...

## ଚିନ୍ତା ଓ ଚିନ୍ତନ-୨

### ଅଶିକ୍ଷିତ ଏବଂ କୁଇ ଆଦିବାସୀମାନଙ୍କୁ ଆଗକୁ ଆଣିବା କିଭଳି ? ନାରୀ ନେତ୍ରୀ ଏବଂ ଯୁବ ପରିଷଦର ଭୂମିକା ।

ଯେମିତି ମଇଳାପାଣି ଏକ ବାଲ୍ଟି ଭିତରେ ଥିବ । ଆମେ ଯଦି ଟେପ୍ ତଳେ ବାଲ୍ଟି ରଖି ଟେପ୍ ଖୋଲି ଦେବା ଏବଂ ଟେପ୍‌ରୁ ଅନବରତ ଭାବରେ ସଫା ପାଣି ବାଲ୍ଟିରେ ପଡ଼ି ଚାଲିଥିବ, ତେବେ କିଛି ଘନ୍‌ଟା ପରେ ସେହି ବାଲ୍ଟିରୁ ମଇଳା ପାଣି ବାହାରି ଯାଇଥିବ ଏବଂ ବାଲ୍ଟି ସଫାପାଣିରେ ପୂର୍ଣ୍ଣ ହୋଇଥିବ । ମଇଳା ହେଲା ଅଶିକ୍ଷା ସଫା ହେଲା ଶିକ୍ଷା । ଏହି ଉଦାହରଣ ମୁଁ ଏଇଥି ପାଇଁ ରଖିଲି କି ଅଶିକ୍ଷିତ ଏବଂ ପଛୁଆ ଲୋକମାନଙ୍କ ସହିତ ଶିକ୍ଷିତ ଲୋକମାନେ ବାରମ୍ବାର ମିଶିବା ଦ୍ୱାରା ଅଶିକ୍ଷିତ ଲୋକମାନଙ୍କର ସ୍ୱତଃ ପରିବର୍ତ୍ତନ ହୋଇ ଯିବ । ବର୍ତ୍ତମାନ ମୁଁ ଆମ କୁଇ ସମାଜର ଇତିହାସ ସଂକ୍ଷେପରେ ଆଲୋଚନା କରିବି । ଯେତେବେଳେ ପ୍ରଫେସର ତ୍ରିଲୋଚନ କହଁର ୧୯୯୨ ମସିହାରେ କୁଇ ସମାଜର ସଭାପତି ହେଲେ ୨ଟି ଶାଖା କୁଇ ସମାଜରେ ନୂତନ ଭାବରେ ଖୋଲା ଯାଇଥିଲା । (୨) ମହିଳା ଶାଖା (୨) ଯୁବ ପରିଷଦ । ୧୯୯୨ ପୂର୍ବରୁ ପ୍ରାୟ ୧୦-୧୫ ବର୍ଷ ହେବ କୁଇ ସମାଜ ସୁପ୍ତ ପ୍ରାୟ ଥିଲା । କନ୍ଧମାନଙ୍କର ଏକତା ନ ଥିଲା କି କୁଇ ସମାଜ କନ୍ଧମାନଙ୍କର ଏକ ବିରାଟ ସାମାଜିକ ଅନୁଷ୍ଠାନ ବୋଲି ସହରର ବୁଦ୍ଧିଜୀବୀ ଲୋକ ଜାଣିନଥିଲେ । ବହୁ ବର୍ଷ ପୂର୍ବରୁ ଅବଶ୍ୟ ଉଗ୍ରେସେନ ମଲିକଙ୍କୁ କୁଇ ସମାଜର ବଡ଼ ନେତା ବୋଲି ଜାଣି ଥିଲେ ।

ଯାହା ହେଉ ଏକ ଶିକ୍ଷିତ ଢାଂଚାରେ କନ୍ଧମାନଙ୍କୁ ସଚେତନ ଏବଂ ଜାଗ୍ରତ କରିବା ପାଇଁ ପ୍ରଫେସର ତ୍ରିଲୋଚନ ନେତୃତ୍ୱରେ କାର୍ଯ୍ୟକ୍ରମ ଆରମ୍ଭ କରାଗଲା । ସେତେବେଳେ କୁମୁଦ ଚନ୍ଦ୍ର ମଲିକ, ସମ୍ପାଦକ ଥିଲେ । ସେହି ସମୟରେ ଶ୍ରୀମତୀ ହୀରାମୋତି କହଁର, ଘର ପକନା ଗାଁ ଏକ ପ୍ରେରଣା ଦାୟୀ ଶକ୍ତି ପ୍ରଦାୟିନୀ ନାରୀ ନେତ୍ରୀ ହିସାବରେ ଉଭା ହୋଇ ଥିଲେ । ସେ ଚାକିରୀରେ ଥାଇ ମଧ କୁଇ ସମାଜର ପ୍ରତ୍ୟେକ ସଭା ସମିତିରେ ଯୋଗଦାନ କରି ନାରୀମାନଙ୍କୁ ଉର୍ଜା ଭରି ଦେଉଥିଲେ । ଆମ କୁଇ ସମାଜର ଗାଁ ଗହଳିର ମାଆମାନେ ସଭାରେ କିଛି ବି ଭାଷଣ ଶୁଣି ଶୁଣି ନାରୀମାନେ କୁଇ ସମାଜ ସଭାଗୁଡ଼ିକରେ ଭାଷଣ ଦେବା ଶିଖୁଥିଲେ ଏବଂ ମନରୁ ଭୟ ଦୂର କରି ପାରୁଥିଲେ । ଯେହେତୁ ହୀରାମୋତି କହଁର ମୂଳରୁ ହିଁ ଭକ୍ତି ଭାବନା ସହିତ ଜଡ଼ିତ, ତେଣୁ ନାରୀମାନଙ୍କୁ ଏକତ୍ରିତ ଏବଂ ଏକତା କରିବା ପାଇଁ ଭଜନ ଏବଂ ଜଣାଣ ତାଙ୍କର ମାଧମ ହେଉ ଥିଲା । ଏକଦା ଗୁମାଗଡ଼ ପଂଚାୟତର ଶ୍ରାମୁଡ଼ି ଗ୍ରାମରେ ମହାସଭା ହେଉଥାଏ । ସମସ୍ତ ନାରୀମାନଙ୍କୁ ଜଣାଣ ଏବଂ ଭଜନ ମାଧମରେ ଏକତ୍ରିତ କରୁଥାନ୍ତି । ସେତେବେଳର କଲେକ୍ଟର ସୁରେଶ ମହାପାତ୍ର ମୁଖ୍ୟ ଅତିଥି ହୋଇ ଆସିଥାନ୍ତି । ତାଙ୍କୁ ପକନା ଗାଁରେ ଏକ କନ୍ୟାଶ୍ରମ କରିବା ପାଇଁ ଶ୍ରୀମତୀ ହୀରାମୋତି କହଁର ଏକ ଦରଖାସ୍ତ ସ୍ୱତନ୍ତ୍ର ଭାବରେ ଲେଖି ଆଣିଥିଲେ ଏବଂ କଲେକ୍ଟର ମହୋଦୟଙ୍କୁ ପ୍ରଦାନ କରି ପକ୍‌ନା ଗାଁରେ କନ୍ୟାଶ୍ରମ ସ୍ଥାପନ ପାଇଁ ଅଳି କରିଥିଲେ । ଆଜି ସେହି କନ୍ୟାଶ୍ରମ ହାଇସ୍କୁଲରେ ପରିଣତ ହୋଇଅଛି । ମୁଁ ତାଙ୍କର ଉଦାହରଣ ଏଇଥିପାଇଁ ଦେଉଛି ଯେ, ସେ ଶିକ୍ଷିତା, ଶିକ୍ଷୟିତ୍ରୀ ହୋଇ ଅଶିକ୍ଷିତ ପଛୁଆ ନାରୀମାନଙ୍କୁ ଏକତ୍ରିତ କରି ଯେଉଁ ପ୍ରେରଣା ଉତ୍ସାହ ଏବଂ ଶକ୍ତି ଭରି ଦେଉଥିଲେ , ନାରୀମାନେ ଭୟ ତ୍ୟାଗ କରି ସଂଗଠନ କରିବା ସହିତ ସୁଦକ୍ଷ ବକ୍ତା ହୋଇ ପାରିଥିଲେ । ଯାହା ଫଳରେ ପୁରୁଷ ପ୍ରଧାନ କୁଇ ସମାଜରେ ନାରୀମାନଙ୍କର ଉପସ୍ଥିତି ଢ଼େର ବଢ଼ି ଯାଇଥିଲା । ତାହା ଆଜି ମଧ ମହାସଭା ଗୁଡ଼ିକରେ ଦେଖିବାକୁ ମିଳୁଛି । ତାଙ୍କର ଦେହ ବର୍ତ୍ତମାନ ଅସୁସ୍ଥ ଥିବା ହେତୁ ସେ ସଭା ସମିତିକୁ ଯାଇ ପାରନ୍ତି ନାହିଁ । ସଭାରେ କ'ଣ ହେଲା ଜାଣିବା ପାଇଁ ବ୍ୟଗ୍ର ଥାନ୍ତି । ସେ କ'ଣ ସାହାଯ୍ୟ କରିପାରିବେ ଫୋନ୍ ମାଧମରେ କର୍ମକର୍ତ୍ତା ମାନଙ୍କୁ ବାରମ୍ବାର ବୁଝି ଯତ୍ କିଂଚିତ୍ ସହଯୋଗ କରିଥାନ୍ତି । ବର୍ତ୍ତମାନ ତାଙ୍କ ପରି ନାରୀ ନେତ୍ରୀ କୁଇ ସମାଜରେ ଦେଖାଯାଉ ନାହାନ୍ତି । କୁଇ

ସମାଜର ଇତିହାସରେ ସେ ଜାଜ୍ୱଲ୍ୟମାନ ପ୍ରତିଭା ହୋଇ ଅନ୍ୟକୁ ପ୍ରେରଣା ଦେଇ ଆସୁଥିବେ ।

ମୁଁ ଯୁବ ପରିଷଦର ପ୍ରଥମ ସଭାପତି ଭାବରେ ସାଂଗଠନିକ କାର୍ଯ୍ୟରେ ବେଶି ସମୟ ଦେଉଥିଲି । ଦୀର୍ଘ ୧୫ ବର୍ଷ କୁଇ ସମାଜ ସୁପ୍ତ ରହିବା ପରେ ୧୯୯୨ ମସିହାରେ ଆମ୍ଭେ ଚେତନା ପଦଯାତ୍ରା ଗୋଛାପଡ଼ାରୁ କଲାଡ଼ି ପର୍ଯ୍ୟନ୍ତ କରି ଫୁଲବାଣୀ ସହରରେ ଏକ କମ୍ପନ ସୃଷ୍ଟି କରିଥିଲୁ । ପ୍ରଫେସର ତ୍ରିଲୋଚନ କହଁର କୁଇ ସମାଜ ଯୁବ ପରିଷଦକୁ ଏତାଦୃଶ୍ୟ କାର୍ଯ୍ୟ ନିମନ୍ତେ ଭୁରି ଭୁରି ପ୍ରଶଂସା କରିଥିଲେ । ଆମେ ଛାତ୍ର ଥିବା ସମୟରେ କୁଇ ସମାଜ ପାଇଁ କାର୍ଯ୍ୟ କଲାବେଳେ ଅନେକ ବୟୋଜ୍ୟେଷ୍ଠ ବ୍ୟକ୍ତି ଆମକୁ ବାରଣ କରିବା ସତ୍ତ୍ୱେ ଆମେ କାହାର କଥା ଶୁଣିନଥିଲୁ । ଏବେ ମଧ୍ୟ ଚାକିରୀରେ ଥାଇ କୁଇ ସମାଜର ସଭା ସମିତିକୁ ବାରମ୍ବାର ଆସୁଅଛୁ । ଚାକିରୀ ଚାଲିଯିବ ବା ମୋର ସମୟ ନାହିଁ କହୁନାହୁଁ । କାହିଁକି ନା ଆମର ମନ ଭିତରେ ଗୋଟିଏ କଥା ରହି ଯାଇଛି ଯେ, ଆମେ କେବଳ ଶିକ୍ଷିତ ହେଲେ ହେବ ନାହିଁ, ଆମ ପଛରେ ଥିବା ଅଶିକ୍ଷିତ ଭାଇ, ଭଉଣୀଙ୍କୁ ଆଗକୁ ଆଣିବାକୁ ହେବ । ତା' ହେଲେ ହିଁ ଆମ ସମାଜ ଅନ୍ୟମାନଙ୍କର ହୀନମାନ୍ୟତାରୁ ରକ୍ଷା ପାଇବ ଏବଂ ଆମ ଲୋକମାନେ ମୁଣ୍ଡ ଟେକି ମାଟିର ମଣିଷ ବୋଲି ପରିଚୟ ଦେଇ ଛାତି ଫୁଲେଇ ସହରରେ ଚାଲି ପାରିବେ । ଆଜି ଯାହା କିଛି ଆଦିବାସୀମାନଙ୍କର ପରିବର୍ତ୍ତନ ଦେଖୁଛନ୍ତି, ତା'ହା କୁଇ ସମାଜର ଅନବରତ ଉଦ୍ୟମ ଏବଂ ସମାଜ ସେବୀ କର୍ତ୍ତବ୍ୟ ପରାୟଣ ତ୍ୟାଗୀ ଆତ୍ମାମାନଙ୍କର ଅବଦାନ ।

ଆଜି ନାରୀ ନେତୃତ୍ୱ ଏବଂ ଯୁବ ନେତୃତ୍ୱର ଅଭାବ ପରିଲକ୍ଷିତ ହେଉଅଛି । ଯଦି ସ୍ୱେଛାକୃତ ଭାବରେ ନାରୀ ନେତ୍ରୀମାନେ ଏବଂ ଯୁବ ନେତାମାନେ କୁଇ ସମାଜ ଅବହେଳିତ ବର୍ଗଙ୍କ ପାଇଁ କାର୍ଯ୍ୟ କରିବାକୁ ଆଗେଇ ଆସନ୍ତି ତ ଆମ୍ଭେ ଆଉ କିଛି ମାଇଲ୍ ଉନ୍ନତି ପଥରେ ଅଗ୍ରସର ହେବା ।

*-ଡା.ନୀରଦ ଚନ୍ଦ୍ର କହଁର, ଗୋଛାପଡ଼ା, କନ୍ଧମାଳ*

ନିତିଦିନ NITIDIN
BERHAMPUR - 23 Oct 2024 - Page 5

# କୁଇ ଭାଷା ସାହିତ୍ୟ ସମିତି ପକ୍ଷରୁ ସାହିତ୍ୟ ଆସର



**କନ୍ଧମାଳ,୨୨।୧୦/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲାର କୁଇ ଭାଷା ସାହିତ୍ୟ ସମିତି ଓ କୁଇ ସମାଜ ଯୁବପରିଷଦର ମିଳିତ ଆନୁକୂଲ୍ୟରେ କୁଇ ଭାଷା ସାହିତ୍ୟ ଆସର ଫୁଲବାଣୀ ଅନ୍ତର୍ଗତ ସାର୍ଭାଗୁଡା ଠାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ରାଘବ ମଲିକ ଯୋଗଦେଇଥିଲେ । କୁଇ ଭାଷା ସଂସ୍କୃତି ପରମ୍ପରା କିପରି ବଜାୟ ରହିବ ତାହା ଆଲୋଚନା କରାଯାଇଥିଲା ବେଳେ ବିଭିନ୍ନ ବିଷୟରେ ସଚେତନ କରାଯାଇ କବିତା ପଠନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ କୁଇ ଭାଷା ସାହିତ୍ୟ ସମିତି ସଭାପତି ସଭାପତି ଦୀନବନ୍ଧୁ କହଁର, ସାଧାରଣ ସମ୍ପାଦକ ଡଃ ନିରଦଚନ୍ଦ୍ର କହଁର, ସହ ସମ୍ପାଦକ ଗଣପତି ମଲିକ, ଦନରା ପ୍ରଧାନ,କୁଇ ସମାଜ ସେବା ସମିତି ସଭାପତି ସୁଦର୍ଶନ କହଁର, କୁଇ ସମାଜ ଯୁବପରିଷଦ ଉପସଭାପତି ମଙ୍ଗରାଜ ପ୍ରଧାନ ସହ କୋଷାଧ୍ୟକ୍ଷ ଭାବିନ୍ଦ୍ର କହଁର, ଅର୍ଜୁନ କହଁର, ଏସିଆ କହଁର, ଉତ୍ତମ କହଁର, ବିଷ୍ଣୁ ଚରଣ ମଲିକ ଏବଂ ବହୁ କବି ସମାଜ ପ୍ରେମୀ ଭାଷା ପ୍ରେମୀ ଉପସ୍ଥିତ ଥିଲେ । ସମୁଦାୟ ୫୦ ଜଣ କୁଇ କବି ନିଜର ସ୍ୱରଚିତ କବିତା ପଠନ କରିଥିଲେ । ସାଂସ୍କୃତିକ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । କୁଇଦିନା ନାମକ ପତ୍ରିକା ଉନ୍ମୋଚନ କରାଯାଇ ସମସ୍ତ କୁଇକବି ଓ ସାଂସ୍କୃତିକ ସଦସ୍ୟ ସଦସ୍ୟା ମାନଙ୍କୁ ଅତିଥି ଏବଂ ସଂଗଠନର କର୍ମକର୍ତ୍ତାଙ୍କ ହସ୍ତରେ ପ୍ରମାଣପତ୍ର ସହ ସମ୍ମାନୀତ କରାଯାଇଥିଲା ।



ବେଲଘର ଗ୍ରାମର **ମାନିନୀ ମାଝୀ** ଙ୍କୁ ଜରୁରୀ ପରିସ୍ଥିତିରେ ରକ୍ତଦାନ କରିଥିବା ଖଜୁରୀପଡ଼ା ବ୍ଲକ୍ ଝାମ୍ପି ଗ୍ରାମର କୁଇ ସମାଜର ଯୁବପରିଷଦର ସଦସ୍ୟ **ଆରତ କହଁର** ତାଙ୍କୁ କୁଇ ସମାଜ ତରଫରୁ ଧନ୍ୟବାଦ ।



'କୁଇଦିନା' ପତ୍ରିକା ଉନ୍ମୋଚନ ସମୟର ଫଟୋଚିତ୍ର




କନ୍ଧ ଦମ୍ପତିଙ୍କ ପରମ୍ପରା ଫଟୋଚିତ୍ର



କନ୍ଧ ଯୁବତୀମାନଙ୍କ ଫଟୋଚିତ୍ର



କନ୍ଧ ନାରୀମାନଙ୍କ ପାରମ୍ପରିକ ବେଶପୋଷାକ